ଜୁଲାଇ ୨୦୨୩

# ବସୁନ୍ଧରା ବାର୍ତ୍ତା

VASUNDHARA
democratizing natural resource governance

Vasundhara Newsletter, 5th AUGUST

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Patia Station Road, Patia, Bhubaneswar, Odisha 751024



## ତ୍ରୈମାସିକ ରିପୋର୍ଟ

# ସାରାଂଶ:

## ଟିମ୍ ବସୁନ୍ଧରା

- ବନବାସୀଙ୍କୁ ସଶକ୍ତ କଲା ଶାଳ ଅଭିଯାନ ।
- ଠାକୁରଗୁଡାରୁ ଅର୍ଥନୈତିକ ବିଜୟ ଯାତ୍ରାର କାହାଣୀ ।
- ସ୍ୱୀକୃତି ପାଇଁ ସାମୁହିକ ପ୍ରୟାସ ।
- ଭିଟାମାଟି ପାଇଁ ଶିମିଳିପାଳରେ ଆଦିବାସୀ ପରିବାରର ସଂଘର୍ଷ ଜାରି ।
- ଜଙ୍ଗଲ ସଂରକ୍ଷଣ ଓ ଜୀବନ ଜୀବିକା ପାଇଁ ଏକ ଅୟମାରମ୍ଭ ।
- ପୋଷ୍ଟକାର୍ଡ କରୁଛି ସମସ୍ୟାର ସମାଧାନ ।
- ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବସୁନ୍ଧରା ମଧ୍ୟରେ ବୁଝାମଣାପତ୍ର ।
- ଲିଙ୍ଗଗତ ସମାନତା ଓ ସଶକ୍ତିକରଣ ଆଡକୁ ଏକ ପାଦ ।
- ଜୀବନଜୀବିକାର ସଶକ୍ତିକରଣ ପାଇଁ ବୈଠକ।
- ଜଙ୍ଗଲ ଅଧିକାର ଓ ଜମି ମାଲିକାନାସତ୍ତ୍ୱ ପ୍ରଦାନରେ କରାଯାଇଥିବା ପ୍ରୟାସର ମିଶ୍ରିତ ଫଳାଫଳ ।
- ନୂତନ ଦାବି ପ୍ରକ୍ରିୟା ।
- ଜିଲ୍ଲାୱାରୀ ତଥ୍ୟ ।
- ଜଙ୍ଗଲ ଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା।
- ଏ ମାସର ଫଟୋ.....

## ସ୍ୱତନ୍ତ୍ର ସହଯୋଗ

୧. ପ୍ରଶାନ୍ତ କୁମାର ସାହୁ
୨. ସୁଶୀଳା ମୁର୍ମୁ
୩. ଶ୍ୟାମ ସୁନ୍ଦର ସାହୁ
୪. ନିତ୍ୟାନନ୍ଦ ରାଏ
୫. ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ
୬. ନିଳମଣି ମହାପାତ୍ର
୭. ଅରବିନ୍ଦ ରାଉତ

## ଯୋଗାଯୋଗ


ପ୍ରତିଭା ଘୋଷ

୮୭୬୩୬୬୬୦୩୬

research_documentation@vasundharaorissa.org

ପ୍ଲଟ୍ ନଂ. ୧୭୩୧/ସି
ଦାଶ ମହାପାତ୍ର କମ୍ପ୍ଲେକ୍ସ
ପୋଷ୍ଟ- କିଟ୍ କ୍ୟାମ୍ପସ୍,
ଭୁବନେଶ୍ୱର- ୭୫୧୦୨୪

# ବନବାସୀଙ୍କୁ ସଶକ୍ତ କଲା ସଚେତନତା ଅଭିଯାନ

## >>> ଅଭିଯାନ

ବନବାସୀଙ୍କୁ ସଶକ୍ତ କଲା 'ଶାଳମଞ୍ଜି' ଅଭିଯାନ । ସମୟ ଉପଯୋଗୀ ରଣନୀତି ଦ୍ୱାରା କିପରି ଜଙ୍ଗଲ ନିର୍ଭରଶୀଳ ଲୋକଙ୍କୁ ସଚେତନ କରାଯାଇ ପାରିବ ଓ ସେମାନଙ୍କ ଜୀବନ ଜୀବିକାକୁ ସୁନିଶ୍ଚିତ କରାଯାଇ ପାରିବ ସେ ଦିଗରେ ବସୁନ୍ଧରା ଚଳିତ ଶାଳ ଋତୁରେ ସମସ୍ତଙ୍କ ପାଇଁ ଏକ ଉଦାହରଣୀୟ ପଦକ୍ଷେପ ନେଇଛି ।

ହାତଗଣତି କେତୋଟି ବୈଠକ, ତାଲିମ, ବଜାର ସଂଯୋଗୀକରଣ ଓ ଭିତ୍ତିଭୂମି ଭଳି ଅଳ୍ପ କିଛି ପଦକ୍ଷେପ ବଦଳାଇ ଦେଇଛି ରାଜ୍ୟର ୧୩ଟି ଜିଲ୍ଲାର ଆଦିବାସୀଙ୍କ ବର୍ଷ ବର୍ଷର ସଂଘର୍ଷ । କେବଳ ସେତିକି ନୁହେଁ ଏହା ବନବାସୀମାନଙ୍କର ଅର୍ଥନୈତିକ ବିକାଶ ସହ ସେମାନଙ୍କ ପାଇଁ ନୂଆ ବଜାର ପ୍ରବେଶ କରାଇବାର ରାସ୍ତା ଉନ୍ମୁକ୍ତ କରି ପାରିଛି । ବସୁନ୍ଧରା ଦ୍ୱାରା ଶାଳ ମଞ୍ଜି ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମହିଳାମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ଦ୍ୱାରା ପିଢ଼ି ପରେ ପିଢ଼ି ଧରି ଅଭ୍ୟାସ କରାଯାଉଥିବା ପାରମ୍ପରିକ ଜ୍ଞାନକୁ ସେମାନେ ଏଥିରେ ଉପଯୋଗ କରିଥିବାର ଦେଖିବାକୁ ମିଳିଛି । ଯାହାକି ଉଭୟ ଜଙ୍ଗଲ ସଂରକ୍ଷଣ ସହ ସେମାନଙ୍କର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା, ଲିଙ୍ଗଗତ ସମାନତାକୁ ରକ୍ଷା କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ସୂଚିତ କରିଛି ।

ଓଡିଶାରେ ଶାଳ ମଞ୍ଜି ଉତ୍ପାଦନର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏକ ଆକଳନରୁ ଜଣାଯାଏ ଯେ ଦେଶରେ ପ୍ରତିବର୍ଷ ଯେତିକି ପରିମାଣର ଶାଳ ମଞ୍ଜି ଉତ୍ପାଦିତ ହୁଏ ତା'ର ୨୫% କେବଳ ଓଡିଶାରୁ । ଯାହାକି ଓଡିଶା ଭଳି ଆଦିବାସୀ ଅଧ୍ୟୁଷିତ ରାଜ୍ୟର ଆଦିବାସୀମାନଙ୍କ ଆୟର ଏକ ମୁଖ୍ୟ ମାଧ୍ୟମ । ଓଡିଶାର ପାଖାପାଖି ୪୦% ଆଦିବାସୀ ପ୍ରତିବର୍ଷ ଶାଳ ମଞ୍ଜି ସଂଗ୍ରହ କରିବା କାମରେ ନିଜକୁ ନିୟୋଜିତ କରୁଥିବା ବେଳେ ସେମାନଙ୍କର ଗୁଜୁରାଣ ମେଣ୍ଟାଇଥାନ୍ତି ।

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଶାଳ ମଞ୍ଜି ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥିବା ସତ୍ତ୍ୱେ ରାଜ୍ୟ ସରକାର ଏହାକୁ ବେଶ କିଛି ବର୍ଷ ହେବ କିଣୁନଥିଲେ । ଫଳରେ ଆଦିବାସୀମାନେ ସଂଗୃହୀତ ଶାଳ ମଞ୍ଜିକୁ ଟିଣ ପିଛା ୫ରୁ ୬ ଟଙ୍କାରେ ବିକ୍ରି କରୁଥିଲେ । ଶାଳ ମଞ୍ଜିର ଗୁରୁତ୍ୱ ଥିବା ସତ୍ତ୍ୱେ ଏହାକୁ କିପରି ଗୁଣାତ୍ମକ ମାନ ରକ୍ଷା କରି ସଂଗ୍ରହ କରିହେବ, ସୁରକ୍ଷିତ ଭାବେ ଗଚ୍ଛିତ ରଖିହେବ, ପ୍ୟାକିଂ କରିହେବ ଓ ବିକ୍ରି କରିହେବ ସେବିଷୟରେ ଆଦିବାସୀମାନେ ଜାଣିନଥିବାରୁ ଅନେକ ସମୟରେ ବ୍ୟବସାୟୀମାନଙ୍କ ସହ ଦରଦାମ୍ ଛିଡାଇ ପାରିନଥାନ୍ତି । ଫଳରେ ଦଲାଲ୍‌ମାନଙ୍କ ଶୀକାର ହୋଇଥାନ୍ତି ।

ଆଦିବାସୀମାନେ ବେଶ କିଛି ବର୍ଷ ହେବ ସମ୍ମୁଖୀନ ହେଉଥିବା ଏହି ସମସ୍ୟାର ସମାଧାନ ପାଇଁ ବସୁନ୍ଧରା ପକ୍ଷରୁ ୬ ମାସ ଧରି ଓଡିଶାର ୧୩ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏକ ଅଭିଯାନ ଆରମ୍ଭ କରାଗଲା । ଯାହାକି ଜାନୁୟାରୀରୁ ଜୁନ୍ ଯାଏଁ ଚାଲିଲା । ଯେଉଁଥିରେ ଆଦିବାସୀ ମା'ମାନଙ୍କ ଦକ୍ଷତା ବିକାଶ କରାଯିବା ସହ ସେମାନଙ୍କ ପାଇଁ ଶାଳ ମଞ୍ଜି






ସଂଗ୍ରହ, ଏହାର ଗୁଣବତ୍ତା ରକ୍ଷା କରିବା ଓ ଏହାକୁ ସଂରକ୍ଷଣ କରି ରଖିବା ଦିଗରେ ଅଭିଜ୍ଞ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ଦିଆଗଲା । ପରେ ବଜାରର ଗତିଶୀଳତା ବାବଦରେ ସେମାନଙ୍କୁ ଜଣାଯିବା ସହ ତାଙ୍କ ପାଇଁ ବଜାର ପ୍ରବେଶର ସୁଯୋଗ ସୃଷ୍ଟି କରାଗଲା ।

କହିବାକୁ ଗଲେ ବନବାସୀ ଓ ବଡ ବଡ ବ୍ୟବସାୟୀଙ୍କ ଭିତରେ କିପରି ବିନା ମଧ୍ୟସ୍ଥିରେ ବ୍ୟବସାୟୀକରଣ କରାଯାଇ ପାରିବ ସେଥିପାଇଁ ଏକ ନୂଆ ଭିତ୍ତିଭୂମି ତିଆରି କରାଗଲା । ଯାହାକି ପ୍ରତ୍ୟକ୍ଷ ଭାବେ ବନବାସୀଙ୍କୁ ଶାଳମଞ୍ଜି ଭଳି ବନଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକ୍ରିବଟା କରିବା ଓ ମଧ୍ୟସ୍ଥିଙ୍କୁ ହଟାଇବା ଦିଗରେ ସେମାନଙ୍କର ଆତ୍ମବିଶ୍ୱାସକୁ ଦୃଢ଼ କଲା । କେବଳ ସେତିକି ନୁହେଁ ବନବାସୀଙ୍କ ଦ୍ୱାରା ସଂଗୃହୀତ ଓ ଗଚ୍ଛିତ ଶାଳମଞ୍ଜି କିପରି ଅଧିକ ଦିନ ଯାଏଁ ସୁରକ୍ଷିତ ଭାବେ ରହିବ ସେଥିପାଇଁ ଗୁଣବତ୍ତା ବଜାୟ ରଖିବାକୁ ଷ୍ଟୋରେଜ୍ ଓ ପ୍ୟାକେଜିଂ ୟୁନିଟ ଆଦି ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଗଲା ।

ଏ ବାବଦରେ ସ୍ୱେଚ୍ଛାସେବୀ ସଙ୍ଗଠନ ବସୁନ୍ଧରାର ମାର୍କେଟିଂ ମୁଖ୍ୟ ପ୍ରଶାନ୍ତ କୁମାର ସାହୁ କହନ୍ତି; ଦୀର୍ଘଦିନର ବ୍ୟବଧାନ ପରେ ଚଳିତ ବର୍ଷ ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟରେ ଆଦିବାସୀଙ୍କଠାରୁ ଶାଳ ମଞ୍ଜି କିଣିବାକୁ ନିଷ୍ପତ୍ତି ନେଲେ । ଏଥିପାଇଁ କିଲୋପ୍ରତି ୨୦ ଟଙ୍କା ବି ଧାର୍ଯ୍ୟ କରାଗଲା । ଯାହାକି ନିଶ୍ଚିତ ଭାବେ ଏକ ସ୍ୱାଗତ ପଦକ୍ଷେପ । ହେଲେ ସରକାର ଏହି ନିଷ୍ପତ୍ତି ବିଳମ୍ବରେ ନେବା ଦୁଃଖଦାୟକ । ଏସବୁସତ୍ତ୍ୱେ ବସୁନ୍ଧରା ଦ୍ୱାରା ନିୟାଯାଇଥିବା ସଚେତନତା ଅଭିଯାନ ଯୋଗୁଁ ଚଳିତ ବର୍ଷ ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀ ସମ୍ପ୍ରଦାୟ ପୂର୍ବବର୍ଷ ଅପେକ୍ଷା; ଶାଳ ମଞ୍ଜି କାରବାରରୁ ଅଧିକ ୩୦% ଆୟ କରିଛନ୍ତି ।

କେବଳ ବସୁନ୍ଧରାର କ୍ଷେତ୍ରାଞ୍ଚଳକୁ ହିସାବକୁ ନେଲେ ଜଣାଯାଏ ଯେ ବନବାସୀ ମା'ମାନେ ପାଖାପାଖି ୯୧ ଲକ୍ଷ ୮୧ ହଜାର ୩୭୧ ଟଙ୍କା କେବଳ ଶାଳମଞ୍ଜି ବିକ୍ରି କରି ଆୟ କରିଛନ୍ତି । ଦେଓଗଡ ଅଞ୍ଚଳରେ ବନବାସୀମାନେ ଶାଳ ମଞ୍ଜି ଜରିଆରେ ୬ ଲକ୍ଷ ୩୭ ହଜାର ୨୫୩ ଟଙ୍କା ଆୟ କରିଥିବା ବେଳେ ଦଶପଲ୍ଲା ସ୍ଥିତ ଆଦିଭୂମି ମହିଳା ସଂଘ ଦ୍ୱାରା ୩ ଲକ୍ଷ ୨୦ ହଜାର ୮୮୦, କୁଚିଣ୍ଡାର ବନଜା ବାଣିଜ୍ୟ ସଂଘ ଦ୍ୱାରା ୪୮ ଲକ୍ଷ ୫୧ ହଜାର ୯୨୩, କନ୍ଧମାଳର ସରଗିଫୁଲ ମହିଳା ସଂଘ ଦ୍ୱାରା ୧୧ ଲକ୍ଷ ୬୯ ହଜାର ୬୮୦ ଓ ଯଶୀପୁର ସ୍ଥିତ ମହକସନ୍ଧାନୀ ମହିଳା ସଂଘ ଦ୍ୱାରା ୨୨ ଲକ୍ଷ ୧ ହଜାର ୬୩୫ ଟଙ୍କା ଆୟ କରିଛନ୍ତି ।

ଶାଳ ମଞ୍ଜି ଭଳି ଚଳିତ ବର୍ଷ ଆମ୍ବ କୋଇଲି ବି ଆଦିବାସୀଙ୍କୁ ରୋଜଗାର ଦେଇଛି । ସାଧାରଣତଃ ଆମ୍ବ କୋଇଲିକୁ ଲୋକେ ବିଷ ବୋଲି ବିବେଚନା କରୁଥିବା ବେଳେ ଏହା ଯେ ସେମାନଙ୍କୁ ରୋଜଗାର ଦେଇ ପାରିବ ତାହା କେବେ କେହି ବିଶ୍ୱାସ କରି ନଥିଲେ । ରାଜ୍ୟର ୧୩ଟି ଯାକ ଆଦିବାସୀ ଜିଲ୍ଲାଗୁଡିକରୁ ବସୁନ୍ଧରା ସହାୟତାରେ ବନବାସୀଙ୍କଠାରୁ ବଡ ବଡ କମ୍ପାନୀମାନେ ସିଧାସଳଖ ଭାବେ ଆମ୍ବ କୋଇଲି କିଣିଥିବା ବେଳେ ବସୁନ୍ଧରାର କ୍ଷେତ୍ରାଞ୍ଚଳରେ ବନବାସୀମାନେ ଏହା ଦ୍ୱାରା ପାଖାପାଖି ୨୧ ଲକ୍ଷ ୩୬ ହଜାର ୧୮୧ ଟଙ୍କା ଆୟ କରିଛନ୍ତି । କନ୍ଧମାଳ ସ୍ଥିତ ସରଗିଫୁଲ ମହିଳା ସଂଘ ଚଳିତ ବର୍ଷ ଆମ୍ବ କୋଇଲିରୁ ୧ ଲକ୍ଷ ୯୪ ହଜାର ୯୭ ଟଙ୍କା ଆୟ କରିଥିବା ବେଳେ ରଣପୁର ସ୍ଥିତ ବନ ବିଭବ ମହିଳା ସଂଘ ୨୦ ହଜାର ୫୧୨ ଟଙ୍କା, କୁଚିଣ୍ଡା ସ୍ଥିତ ବନଜା ବାଣିଜ୍ୟ ସଂଘ ୨୪ ହଜାର ୪୦୦ ଟଙ୍କା, ଦଶପଲ୍ଲା ସ୍ଥିତ ଆଦିଭୂମି ମହିଳା ସଂଘ ୧ ଲକ୍ଷ ୩୨ ହଜାର ୫୨୮ ଟଙ୍କା, ଦେଓଗଡ ସ୍ଥିତ ବନାନୀ ମହିଳା ସଂଘ ୧୭ ଲକ୍ଷ ୬୪ ହଜାର ୬୪୪ ଟଙ୍କା ଆୟ କରିଛନ୍ତି ।

ବସୁନ୍ଧରା ଦ୍ୱାରା ନିଆଯାଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ବାସ୍ତବିକ ବନବାସୀମାନଙ୍କୁ ସିଧାସଳଖ ବଜାର ସୁଯୋଗ ଦେବା ସହ ସେମାନଙ୍କୁ ତାଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଦିଗରେ ଏକ ସୁଯୋଗ ସୃଷ୍ଟି କଲା । ଯାହାକି ସେମାନଙ୍କ ଅର୍ଥନୈତିକ ବିକାଶରେ ସାହାଯ୍ୟ କରିବା ସହ ଋତୁକାଳୀନ କାର୍ଯ୍ୟକଳାପ ଉପରେ ସେମାନଙ୍କର ନିର୍ଭରଶୀଳତାକୁ ହ୍ରାସ କରାଇବା ଦିଗରେ ସହାୟକ ହେଲା । ଏହି ଅଭିଯାନ ଶାଳ ମଞ୍ଜି ବିକ୍ରିବଟାରେ ୪୦% ମହିଳାଙ୍କ ଭାଗିଦାରିକୁ ବୃଦ୍ଧି କରିବା ସହ ଲିଙ୍ଗଗତ ସମାନତା, ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କଲା । କେବଳ ସେତିକି ନୁହେଁ ଏହି ଅଭିଯାନ ଶାଳମଞ୍ଜି ଓ ଆମ୍ବ କୋଇଲି ସଂଗ୍ରହ ଓ ସଂରକ୍ଷଣର ପାରମ୍ପରିକ ଜ୍ଞାନକୁ ସଫଳତାର ସହ ସଂରକ୍ଷଣ କରିବା ଦିଗରେ ରାସ୍ତା ଦେଖାଇଲା ।



# ଠାକୁରଗୁଡାରୁ ଅର୍ଥନୈତିକ ବିଜୟର ଏକ କାହାଣୀ

## >>> ପ୍ରେରଣାଦାୟୀ



ମୟୂରଭଞ୍ଜ ଜିଲ୍ଲା ଯଶୀପୁର ସହରଠାରୁ ଅଳ୍ପ ଦୂରରେ ଥିବା ଠାକୁରଗୁଡା ଗାଁରୁ ଆସିଛି ଅର୍ଥନୈତିକ ସ୍ୱାଧୀନତାର ଏକ ପ୍ରେରଣାଦାୟୀ କହାଣୀ । ଲଘୁବନଜାତ ଦ୍ରବ୍ୟ ଦ୍ୱାରା ସେ ନିରନ୍ତର ଜୀବନ ଜୀବିକାକୁ ସୁରକ୍ଷିତ କରାଯାଇ ପାରିବ ଓ ଏହା ଦ୍ୱାରା ବନବାସୀ ଆତ୍ମନିର୍ଭରଶୀଳ ହୋଇ ପାରିବେ ତାହା ସ୍ୱେଚ୍ଛାସେବୀ ସଙ୍ଗଠନ ବସୁନ୍ଧରାର ମୟୂରଭଞ୍ଜ କ୍ଷେତ୍ର ପରିଚାଳକଙ୍କ ଠାରୁ ମିଳିଥିବା ସୂଚନା ଦ୍ୱାରା ଅଧିକ ସ୍ପଷ୍ଟ ହୋଇ ପାରିଛି ।

୨୦୨୨ ମସିହାରେ ପ୍ରଥମ କରି ଠାକୁରଗୁଡା ଗାଁରେ ଦନୀପାଟ ନାମରେ ଏକ ମହିଳା  ସଙ୍ଗଠନ ଗଢ଼ି ଉଠିଲା । ଯେଉଁଥିରେ ଗାଁର ୩୦ ଜଣ ସକ୍ରିୟ ମହିଳା ଯୋଗଦେଲେ । ପାଖ ଜଙ୍ଗଲରୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରି କରିବାକୁ ସମସ୍ତେ ଏକାଠି ହେଲେ । ପୂର୍ବରୁ ଗାଁକୁ ଲାଗି ରହିଥିବା ଘଞ୍ଚ ଜଙ୍ଗଲ ଓ ଉର୍ବର ମାଟି ମେସାନଙ୍କର ଏହି ଚିନ୍ତାଧାରାକୁ ଆଗକୁ ବଢ଼ାଇବାରେ ସହାଯ୍ୟ କଲା । ତଥାପି ପ୍ରଗତିର ଏହି ଯାତ୍ରା ଏତେ ସହଜ ନଥିଲା । ପ୍ରତିପାଦରେ ଏହି ମହିଳା ସଙ୍ଗଠନର ସମସ୍ତ ସଦସ୍ୟଙ୍କୁ ଆହ୍ୱାନର ସାମ୍ନା କରିବାକୁ ପଡିଥିଲା ।

ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଏହି ମହିଳା ବନବାସୀମାନେ ଦାରିଦ୍ର୍ୟତା ସାଙ୍ଗକୁ ସଚେତନତା ଅଭାବ ଓ ବଜାର ପ୍ରବେଶର ସୁଯୋଗ ପାଉନଥିବାରୁ ଦିନକୁ ଦିନ ନିଜର ଆତ୍ମବିଶ୍ୱାସ ହରାଇବାକୁ ବସିଥିଲେ । ଫଳସ୍ୱରୂପ ଗାଁକୁ ଆସୁଥିବା ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀଙ୍କ ଦ୍ୱାରା ସବୁବେଳେ ଶୋଷଣର ଶୀକାର ହେଉଥିଲେ । କେତେବେଳେ ଲଘୁବନଜାତ ଦ୍ରବ୍ୟ ବିକ୍ରି କରି ବହୁତ କମ୍ ଅର୍ଥ ପାଉଥିଲେ ତ ଆଉ କେତେବେଳେ ସାମଗ୍ରୀ ବିକ୍ରି କରି ପାରୁନଥିଲେ । ଯଦି ବା କେଉଁଠି କାଁ ଭାଁ ଏହା ବିକ୍ରି ହେଉଥିଲା ଲୋକଙ୍କୁ ସେମାନଙ୍କର ପ୍ରାପ୍ୟ ଅର୍ଥ ମିଳୁନଥିଲା । ଏଭଳି ସମୟରେ  ବନବାସୀ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିଲେ ସୀତାମଣି ମହାକୁଡ । ନିଜର ଦାମ୍ଭିକତା ଓ ଦୃଢ଼ ନେତୃତ୍ୱ ବଳରେ ସେ ସଙ୍ଗଠନକୁ ମଜ୍‌ଭୂତ କରିବାକୁ ଚେଷ୍ଟା କଲେ ।

ପରେ ସଙ୍ଗଠନରେ ଥିବା ସମସ୍ତ ମହିଳାମାନେ ଏକାଠି ହୋଇ ତାଙ୍କୁ ଏ ଦିଗରେ ସାହାଯ୍ୟ କଲେ । ଯାହାକି ଗାଁର ସମ୍ପୂର୍ଣ୍ଣ ଅର୍ଥନୈତିକ ପରିବେଶର ପରିପନ୍ଥିକୁ ପରିବର୍ତ୍ତନ କଲା ।

ଏଥିରେ ବସୁନ୍ଧରା ମଧ ଠାକୁରଗୁଡା ଗାଁର ମହିଳାମାନଙ୍କ ସହ ଛିଡା ହୋଇ ସେମାନଙ୍କ ଦକ୍ଷତା ବିକାଶ କରିବା ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମମାନ ଆୟୋଜିତ କଲା । ସେମାନଙ୍କୁ ଅଦମ୍ୟ ସମର୍ଥନ ଦେଇ ସେମାନଙ୍କର ମାର୍ଗଦର୍ଶନ କଲା । ଫଳରେ ବନବାସୀ ମା'ମାନେ ଜଙ୍ଗଲଜାତ ଦ୍ରବ୍ୟକୁ ଯତ୍ନ ସହକାରେ ସଂଗ୍ରହ କରିବାଠାରୁ ଆରମ୍ଭ କରି ସେସବୁର ଗୁଣାତ୍ମକ ମାନ ବଜାୟ ରଖିବା ଓ ଦ୍ରବ୍ୟସବୁକୁ ବଜାର ପ୍ରବେଶ କରାଇବା ଦିଗରେ ସଚେତନ ହୋଇ ପାରିଲେ । ଏ ଦିଗରେ ସେମାନଙ୍କର ନୂତନ ଜ୍ଞାନ ଓ ଆତ୍ମବିଶ୍ୱାସ ସେମାନଙ୍କୁ ସମୃଦ୍ଧତାର ପଥରେ କଢ଼େଇ ନେବାରେ ସହାଯ୍ୟ କଲା । ମହିଳା ଗୋଷ୍ଠୀଙ୍କ ସମ୍ପାଦକ ଭାବେ ସୀତାମଣୀଙ୍କ ଉତ୍ସର୍ଗୀକୃତ ଶ୍ରମଦାନ ସେମାନଙ୍କର ସଫଳତାର ମୂଳଦୁଆକୁ ସ୍ଥାପନ କଲା । ଜଙ୍ଗଲ ଜାତ ଦ୍ରବ୍ୟ ଭିତରେ ଶାଳପତ୍ର ବ୍ୟବସାୟର ଏକ ଚମତ୍କାର ବିଜୟ ରହିଛି । ଚଳିତ ବର୍ଷ ଠାକୁରଗୁଡା ଗାଁର ମହିଳା ବନବାସୀ ଗୋଷ୍ଠୀ ୧୨ ଲକ୍ଷ ଶାଳପତ୍ରର ବ୍ୟବସାୟ କରିଥିବା ବେଳେ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ୬୦୦୦ରୁ ଅଧିକ ଟଙ୍କା ଆୟ କରି ପାରିଛନ୍ତି । ଗୋଷ୍ଠୀର ସାମୂହିକ ପ୍ରୟାସ ଓ ବିଭିନ୍ନ ଅନ୍ତରାଳରେ କରାଯାଉଥିବା ବୈଠକ ସେମାନଙ୍କ ଭିତରେ ସମ୍ପର୍କକୁ ମଜ୍‌ଭୂତ କଲା । ଯାହାକି ଏବେ ପାଖ ପୋଡଶୀ ଗାଁଗୁଡିକୁ ନୂତନ କରି କିଛି କରିବାକୁ ପ୍ରେରଣା ଯୋଗାଇ ପାରିଛି ।


ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତିର ଆହ୍ୱାନ ସତ୍ତ୍ୱେ ମହିଳାମାନେ ନିକଟରେ କରଞ୍ଜ ବ୍ୟବସାୟରେ ନୂଆ କରି ପ୍ରବେଶ କରିଛନ୍ତି ।



ସବୁଠାରୁ ଖୁସିର କଥା ନିକଟରେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କାଳରେ ସେମାନେ ୪୨ କୁଇଣ୍ଟାଲ କରଞ୍ଜ ସଂଗ୍ରହ କରି ପାରିଛନ୍ତି । ଯାହାକି ସେମାନେ କିଲୋପ୍ରତି ୪୨ ଟଙ୍କା ହିସାବରେ ଟେରଭିଭା ନାମକ ଏକ ଆନ୍ତର୍ଜାତିକ କମ୍ପାନୀକୁ ଦେଇଛନ୍ତି । ସୀତାମଣିଙ୍କ ନେତୃତ୍ୱ ଓ ଦଳର ଅଦମ୍ୟ ନିଷ୍ଠା ସେମାନଙ୍କ ସ୍ୱପ୍ନକୁ ଆଜି ବାସ୍ତବ ରୂପ ଦେଇଛି । ଏହାସହ ଅର୍ଥନୈତିକ ସଶକ୍ତିକରଣ ଓ ଆଶାର ପ୍ରତିକ ଭାବେ ସମସ୍ତଙ୍କ ପାଇଁ ଉଦାହରଣ ଭାବେ ଛିଡା ହୋଇଛି । ଅର୍ଥନୈତିକ ସ୍ୱାଧୀନତା ସେମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ଜୀବନଶୈଳୀରେ ବି ଢ଼େର ପରିବର୍ତ୍ତନ ଆଣି ପାରିଛି । ଦାନୀପାଟ ଉତ୍ପାଦକ ଗୋଷ୍ଠୀଙ୍କ ଏହି କାହାଣୀ ସମୂହିକ କାର୍ଯ୍ୟ, ସ୍ଥିରତା, ପ୍ରତିବଦ୍ଧତା ଓ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ପଦକ୍ଷେପଗୁଡିକ କିପରି ଏକ ସଫଳ କାହାଣୀ ରଚନା କରିପାରେ ତାହାର ଏକ ଜ୍ୱଳନ୍ତ ଉଦାହରଣ ।

# ସ୍ୱତନ୍ତ୍ର ସ୍ୱୀକୃତି ପାଇଁ ସାମୂହିକ ପ୍ରଚେଷ୍ଟା

## >>> ସାମୂହିକ ପ୍ରଚେଷ୍ଟା



ଜନ ସହଭାଗିତା ଦ୍ୱାରା ଯେ ସବୁ ସମସ୍ୟାର ସମାଧାନ କରାଯାଇ ପାରେ ତାହା ପ୍ରମାଣ କରି ଦେଖାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍ ଅଧୀନରେ ଆସୁଥିବା ଅଧିକାଂଶ ଗାଁ ଲୋକ । ସାମୂହିକ ପ୍ରଚେଷ୍ଟା ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଗତ ତିନି ମାସ ଭିତରେ ବିଶୋଇ ବ୍ଲକ୍‌ରୁ ୬୦୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଆଇଏଫ୍ଆର୍), ୨୨ଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ଦାଖଲ କରାଯାଇ ପାରିଛି ।

ବସୁନ୍ଧରା ସହଭାଗିତାରେ ବିଭିନ୍ନ ଗ୍ରାମସଭାର ମିଳିତ ପ୍ରୟାସ, ବାରମ୍ବାର ବୈଠକ, ଜିଲ୍ଲା ପ୍ରଶାସନ ସହ ଆଲୋଚନା ଓ ସରକାରୀ କର୍ମଚାରୀଙ୍କ ସହୃଦୟତା ଯୋଗୁଁ ଏଭଳି ସମ୍ଭବ ହୋଇ ପାରିଛି ।

ବନବାସୀଙ୍କୁ ସେମାନଙ୍କର ନାର୍ଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସରକାରୀ ଅଧିକାରୀମାନେ ବିସ୍ତୃତ ଆଲୋଚନା କରି ଏହାକୁ ଫଳପ୍ରଦ କରିବା ଦିଗରେ ନିଜର ବିସ୍ତୃତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଥିଲେ । ଏନେଇ ବ୍ଲକ୍, ତହସିଲ ଓ ଗ୍ରାମସଭାସ୍ତରରେ; ଜଙ୍ଗଲ ଅଧିକାର ଅଧିନିୟମ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଯେଉଁଥିରେ ଅଂଶଗ୍ରହକାରୀମାନଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସଚେତନ କରାଯିବା ସହ ସେମାନେ କିପରି ଦାବି ପ୍ରକ୍ରିୟାକୁ ଭଲ ଭାବେ ଜାଣିବେ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରାମସଭାରେ ଗାଁ ଲୋକଙ୍କ ଉପସ୍ଥିତିରେ ଜଙ୍ଗଲ ଅଧିକାର କମିଟି ଗଠନ କରାଯାଇ ସମସ୍ତ ସମ୍ପ୍ରଦାୟର ସଂପୃକ୍ତି ଓ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇଥିଲା ।

ଦାବି ଉପସ୍ଥାପନ ପ୍ରକ୍ରିୟା ପାଇଁ ପ୍ରସ୍ତୁତ ହୋଇଥିବା ନଥିପତ୍ରରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଯେପରିକି ରାସ୍ତା-ଘାଟ, ନଦୀ, ଜଙ୍ଗଲ, ପବିତ୍ର ସ୍ଥାନ, ପାରମ୍ପରିକ ଜ୍ଞାନ, ଚାରଣ ଭୂଇଁ ଇତ୍ୟାଦିକୁ ବିସ୍ତୃତ ତଥ୍ୟରେ ଦିଆଯାଇଛି । ଗାଁର ସୀମା ଓ ସଂଲଗ୍ନ ଅତ୍ୟାବଶ୍ୟକ ଜଙ୍ଗଲ ସମ୍ପଦକୁ ଠିକ୍ ଭାବେ ଉପସ୍ଥାପନ କରିବା ପାଇଁ ଏକ ସୁନ୍ଦର ଓ ସରଳ ସ୍କେଚ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା ।

ପୁଣି ଏସବୁକୁ ଜିପିଏସ୍ ମ୍ୟାପିଂର ସହଯୋଗରେ ଗାଁ ଲୋକଙ୍କ ସହମତିରେ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ପଡୋଶୀ ତିନୋଟି ଗାଁର ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇ ଜଙ୍ଗଲ ସମ୍ବଳ ଓ ପ୍ରଦାନ କରାଯାଇଥିବା ପୁଙ୍ଖାନୁପୁଙ୍ଖ ତଥ୍ୟ ବାବଦରେ ଆଲୋଚନା କରାଯାଇଥିଲା । ଏ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଗ୍ରାମସଭା ଡାକି ସମସ୍ତ ରେକର୍ଡ ଓ ନିଷ୍ପତ୍ତି ଗୁଡିକ ବାବଦରେ ଆଲୋଚନା କରାଯାଇଥିଲା ।

ପରେ ଉପଖଣ୍ଡସ୍ତରୀୟ କମିଟି (ଏସ୍‌ଡିଏଲ୍‌ସି)ରେ ଦାଖଲ ପାଇଁ ଏହା ଯାଇଥିଲା । ଏହି ପ୍ରକ୍ରିୟା ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକୁ ନେଇ ରହିଥିବା ବିଭିନ୍ନ ସମସ୍ୟା ଯେପରିକି ମହୁଲ ଫୁଲ ସଂଗ୍ରହକୁ ନେଇ ଥିବା ଅସୁବିଧା କିପରି ସ୍ଥାୟୀ ଅମଳ ଅଭ୍ୟାସ ଦ୍ୱାରା ଦକ୍ଷତାର ସହ ସମାଧାନ ହୋଇ ପାରିବ ତାହା ଜଣାପଡିଥିଲା । ବିଭିନ୍ନ ରାଜନୈତିକ ଗୋଷ୍ଠୀଙ୍କ ଚାପ ଓ ବିଭିନ୍ନ ଗାଁରେ ଦେଖାଦେଇଥିବା ଜଟିଳତା ସତ୍ତ୍ୱେ ଏକ ସ୍ୱତନ୍ତ୍ର ପରିଚୟ ଲକ୍ଷ୍ୟରେ ସମସ୍ତ ଜନତାଙ୍କ ସହଭାଗିତାରୁ ଏହି ଦାବିପତ୍ର ଦାଖଲ କରିବା ପ୍ରକ୍ରିୟା ଆୟୋଜିତ ହୋଇଥିଲା । ସମସ୍ତଙ୍କ ସୁବିଧା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତାକୁ ଉପଲବ୍ଧି କରାଇବା ପାଇଁ ଗ୍ରାମ୍ୟସ୍ତରରେ ଜଙ୍ଗଲ ଅଧିକାର ଅଧିନିୟମ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯାହାଦ୍ୱାରା ଜଙ୍ଗଲ ଅଧିକାର ଅଧିନିୟମରେ ବଣ୍ଟାଯାଇଥିବା ବ୍ୟକ୍ତିଗତ ଜମିପଟ୍ଟାରେ କୌଣସି ପ୍ରକାର ବିବାଦ କିମ୍ବା ଅସନ୍ତୁଷ୍ଟି ଉପୁଜିବ ନାହିଁ ।

ବିଶୋଇ ବ୍ଲକ୍‌ରୁ ୬୦୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର (ଆଇଏଫ୍ଆର୍), ୨୨ଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ଦାଖଲ କରାଯିବାର ସଫଳ କାହାଣୀ ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ବନବାସୀ ସମ୍ପ୍ରଦାୟ ପାଇଁ ଆଗାମୀ ଦିନରେ ନିଶ୍ଚିତ ଭାବେ ଅନୁକରଣୀୟ ହୋଇ ପାରିବ । ଗ୍ରାମବାସୀଙ୍କର ସାମୂହିକ ପ୍ରୟାସ ଓ ଉତ୍ସର୍ଗୀକୃତ ମନଭାବ ବନବାସୀଙ୍କ ଐତିହ୍ୟକୁ ସୁରକ୍ଷା ଦେବା ଦିଗରେ ଓ ସେମାନଙ୍କର ଜଙ୍ଗଲ ଅଧିକାରକୁ ସୁରକ୍ଷା ଦେବା ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇ ପାରିଛି ।
ଜିପିଏସ୍ ମ୍ୟାପିଂ ତାଲିମ ଦ୍ୱାରା ଗାଁଲୋକେ ଠିକ୍ ଭାବେ ରେକର୍ଡ ଦାଖଲ କରିବା ସହ ଏ ଦିଗରେ ଆସୁଥିବା ସମସ୍ତ ଜଟିଳତାକୁ ଏଡାଇ ଯାଇ ପାରିଥିଲେ । ଆସନ୍ତୁ ଏହି ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ଆମର ପ୍ରାକୃତିକ ଐତିହ୍ୟର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିବା |

# ଭିଟାମାଟି ପାଇଁ ଶିମିଳିପାଳରେ ଆଦିବାସୀ ପରିବାରର ସଂଘର୍ଷ ଜାରି

## >>> ବିସ୍ଥାପନ

ସରକାରଙ୍କ ଯାବତୀୟ ପ୍ରଲୋଭନ ସତ୍ତ୍ୱେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭିତରେ ରହୁଥିବା କିଛି ଆଦିବାସୀ ପରିବାର ଏବେବି ନିଜର ଭିଟାମାଟି ଛାଡିବାକୁ ନାରାଜ । ସେମାନଙ୍କ ପାଇଁ ଜଙ୍ଗଲ ପରିବେଶରେ ଥିବା ସେହି ଗାଁ ଖାଲି ମାଟି ନୁହେଁ ବରଂ ତାଙ୍କ ପରମ୍ପରା ତାଙ୍କ ଅଧିକାର ବୋଲି ସେମାନେ ଦାବି କରନ୍ତି ।

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍‌ର ରାମଯୋଡି ଗାଁ ସେହିଭଳି ଏକ ଗାଁ ଯେଉଁଠି ଗାଁର ଆଦିବାସୀ ପରିବାର ପାଇଁ ଆଧୁନିକ ସୁବିଧା ସୁଯୋଗ ତୁଚ୍ଛ । ଜଙ୍ଗଲ ଭିତରେ ଥିବା ରାମଯୋଡି ଗାଁର ବୟସ୍କ ଗୋବର୍ଦ୍ଧନ ନାୟକ କହନ୍ତି; ବିକାଶ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ମାତ୍ର ବିକାଶ ଆଳରେ ଯଦି କେହି ଆମକୁ ବିସ୍ଥାପନର କଥା କହୁଛି ତେବେ ତାହା ଆଦୌ ଗ୍ରହଣୀୟ ନୁହେଁ। ପୈତୃକ ଘରଗୁଡିକ ସହ ଆମର ଗଭୀର ସାଂସ୍କୃତିକ ଭାବ ରହିଛି । ଖାଲି ସେତିକି ନୁହେଁ ଆମେ ଏହା ସହ ଖୁବ୍ ନିବିଡ ଭାବେ ଜଡିତ । ଆଗାମୀ ଦିନରେ ବି ଆମେ ଏହାକୁ ବଜାୟ ରଖିବାକୁ ଚିନ୍ତା କରୁଛୁ ଓ ଏଥିପାଇଁ ଆମେ ନିଶ୍ଚିତ ବି।

୨୦୧୭ ମସିହାରେ ପ୍ରଥମଥର ପାଇଁ ରାମଯୋଡି ଗାଁର ଲୋକେ ବନ ବିଭାଗର ପ୍ରରୋଚନାରେ ପ୍ରଥମଥର ପାଇଁ ବିସ୍ଥାପିତ ହେବା ଆରମ୍ଭ କରିଥିଲେ । ଯାହାକି ସଂରକ୍ଷିତ ଜଙ୍ଗଲର ସୀମା ବାହାରେ ଶିଆଳିନଈ ଗାଁ ନାଁରେ ଅବସ୍ଥାପିତ କରାଯାଇଥିଲା ।





ଏପଟେ ଲୋକେ କିଛି ବୁଝିବା ପୂର୍ବରୁ ନୂଆ କରି ବିସ୍ଥାପିତ ଗାଁ ପୁରୁଣା ସେମାନଙ୍କ ଭିଟାମାଟିଠାରୁ ୩୫ କିଲୋମିଟର ଦୂରକୁ ଘୁଞ୍ଚି ଆସିଥିବା ବେଳେ ଆବଶ୍ୟକତା ମେଣ୍ଟାଉଥିବା ଝରଣା ବି ସେମାନଙ୍କଠାରୁ ୩୮ କିଲୋମିଟର ଦୂରକୁ ପଳାଇଥିଲା।

ଏ ବାବଦରେ ଗଣ୍ଡ ସମ୍ପ୍ରଦାୟର ଗୋବର୍ଦ୍ଧନ ନାୟକ କହନ୍ତି; ରାମଯୋଡି ଗାଁରେ ରହୁଥିବା ୩୪ ପରିବାର ଭିତରୁ ୧୮ ପରିବାର ସେତେବେଳେ ଗାଁ ଛାଡି ନୂଆ ଗାଁକୁ ଯିବାକୁ ରାଜି ହେଲେ । ଆମ ସମ୍ପ୍ରଦାୟରେ ଆମର ଗୋଟିଏ ମାତ୍ର ପରିବାର ଯିଏ କି ଏବେବି ନିଜ ଭିଟାମାଟି ପାଇଁ ସଂଘର୍ଷ କରୁଛି । ବନ ବିଭାଗ ଇତି ମଧ୍ୟରେ ନକଲି ଶୀକାର ମାମଲାରେ ଫସାଇ ଦେବାକୁ ବାରମ୍ବାର ଧମକ୍ ଦେଇ ଭିଟା ମାଟି ଛାଡିବାକୁ ବାଧ୍ୟ କରୁଛି । ବିଭିନ୍ନ ପ୍ରକାର ପ୍ୟାକେଜ୍ ତଥା ଆଧୁନିକ ସୁବିଧା ସୁଯୋଗ ଦେବାକୁ ପ୍ରଲୋଭିତ ବି କରୁଛି । ହେଲେବି ଆମେ ସରକାରୀ ପ୍ରରୋଚନାରେ ଆସିନୁ ବରଂ ନିଜ ମା' ମାଟି ପାଇଁ ଆମର ସଂଘର୍ଷ ଜାରି ରହିଛି ।

ଗୋବର୍ଦ୍ଧନଙ୍କ ପରିବାରର ସାବିତ କହନ୍ତି; ଆଧୁନିକତା ଯଦିଓ ଆମକୁ ପସନ୍ଦ ହେଲେ ଏହା ପୈତୃକ ଘର ପ୍ରତିବଦଳରେ କେବେବି ଗ୍ରହଣୀୟ ନୁହେଁ । ଆମକୁ ବି ଘରେ ଟିଭି ଦେଖିବାକୁ ଇଚ୍ଛା ଅଛି । ହେଲେ ବିଦ୍ୟୁତ ସଂଯୋଗ ନ ଥିବାରୁ ଟିଭି ଚଲାଇବା ସମ୍ଭବ ହେଉନି । ଯଦି ସରକାର ବିଦ୍ୟୁତ ସଂଯୋଗ କରନ୍ତେ ତେବେ ଆମେ ଉପକୃତ ହୋଇ ପାରନ୍ତୁ । ହେଲେ ସରକାର ବିସ୍ଥାପନ ନାମରେ ଆମ ଗାଁ ଲୋକଙ୍କ ସହ ଯାହା କରିଛି ତାହା ଭାବିଲେ କଷ୍ଟ ହୁଏ । ଯେତେବେଳେ ଗାଁ ଲୋକେ ବିସ୍ଥାପିତ ହୋଇ ନୂଆ ଗାଁକୁ ଯିବାକୁ ରାଜି ହେଲେ



ପୁନର୍ବାସ ଯୋଜନାରେ ଆମ ନାଁରେ ସରକାର ବ୍ୟାଙ୍କରେ ଯେଉଁ ଟଙ୍କା ଜମା କରିଛନ୍ତି ତାକୁ ଉଠାଇବାକୁ ହେଲେ ବି ଆମକୁ ଜିଲ୍ଲାପାଳଙ୍କଠାରୁ ଅନୁମତି ନେବାକୁ ପଡୁଛି । ଯାହାକି ଏକ କଷ୍ଟକର ବ୍ୟାପାର ।

ସତ୍ୟବତୀ ନାୟକ କହନ୍ତି; ପୈତୃକ ଭିଟାମାଟି ଛାଡିବା ପାଇଁ ବନ ବିଭାଗ ପକ୍ଷରୁ ଆମ ଉପରେ ଅନେକ ଚାପ ପଡିଥିଲା ।

ଧମକ୍ ଚମକ୍ ସହ ଗାଁର ଅନେକ ଲୋକଙ୍କୁ ମିଛ ଶୀକାର ମାମଲାରେ ଫସାଇ ଦିଆଗଲା । ଏମିତି ଚାପ ପକାଗଲା ଯେ ଆମେ ଗାଁ ଛାଡିବାକୁ ବାଧ ହେଲୁ । ବିସ୍ଥାପନ ପୂର୍ବରୁ ଗାଁରେ ୩ରୁ ୪ ଥର ଗ୍ରାମ ସଭା ବସିଲା ।

ଯେଉଁଠି ଆମେ ନିଜ ଇଛାରେ ଭିଟାମାଟି ଛାଡୁଛୁ ବୋଲି ଲେଖାଥିବା କାଗଜରେ ବିଭାଗ ଆମଠାରୁ ଦସ୍ତଖତ କରାଇ ନେଲା । ଯିବାକୁ ରାଜି ହେଲେ ବନ ବିଭାଗ ତରବରିଆ ଭାବେ ଗାଁ



ବନ ବିଭାଗ ତରବରିଆ ଭାବେ ଗାଁ ଲୋକଙ୍କୁ ସେଠାକୁ ନେଇ ଯାଇ ଏଠାରେ ଥିବା ସେମାନଙ୍କର ପୁରୁଣା ଘର ସବୁକୁ ଜେସିବି ଲଗାଇ ଭାଙ୍ଗିଦେଲା । ଲୋକଙ୍କ ନାମରେ ଖାଲି ଫିକ୍ସ ଡିପୋଜିଟ ଭାବେ ୧୦ ଲକ୍ଷ ଟଙ୍କା ରଖି ନିଜ ଦାୟିତ୍ୱ ସାରିଦେଲା । ଏବେ ଯେଉଁ ଲୋକମାନେ ଏଠାରେ ଜଙ୍ଗଲ ଜମିରେ ଚାଷ କରି ନିଜର ପରିବାର ଚଳାଇ ପାରୁଥିଲେ ସେମାନେ ୩୦ ଡେସିମିଲ ଜାଗାରେ ଏବେ ଖାଲି ମୁଣ୍ଡ ଗୁଞ୍ଜିଛନ୍ତି । ଚାଷ ବାସ ହରାଇ ଏବେ ସେମାନେ ବାହାର ରାଜ୍ୟରେ ଦାଦନ ।

## ବିସ୍ଥାପିତ ଗାଁ ଲୋକଙ୍କ ଦୁର୍ଦ୍ଦଶା:

ଶିଆଳିନଇ ଗାଁକୁ ବିସ୍ଥାପିତ ହୋଇଥିବା ପରିବରର ଦୁଃଖ କହିଲେ ନ ସରେ । ରାମଯୋଡି ଗାଁରୁ ଯେଉଁ ପରିବାର ଶିଆଳିନଇକୁ ବିସ୍ଥାପିତ ହୋଇଛନ୍ତି ସେମାନେ ଅଧିକାଂଶ ଖଡିଆର ସମ୍ପ୍ରଦାୟର । ଯାହାକି ରାଜ୍ୟର ସରକାରଙ୍କ ପିଭିଟିଜି ତାଲିକାଭୁକ୍ତ ।

ଗୋଟେ ପଟେ ପିଭିଟିଜିଙ୍କ ପାଇଁ ସରକାର ବିକାଶ କଥା କହୁଥିବା ବେଳେ ଅନ୍ୟପଟେ ନିଜର ଆବଶ୍ୟକତା ପୂରଣ କରିବାକୁ ନୂଆ ନୂଆ ରଣକୌଶଳ ଆପଣେଇବାକୁ ସାଧାରଣରେ ଗ୍ରହଣ କରାଯାଉନି । ଶିଆଳିନଇ ଗାଁରେ ରହୁଥିବା ପ୍ରତାପ ଦେହୁରୀ କହନ୍ତି; ରାମଯୋଡି ଗାଁରେ ଆମେ ୫ ପୁରୁଷ ହେଲାଣି ରହି ଆସୁଥିଲୁ ।

୨୦୧୬ ବେଳକୁ ଜଙ୍ଗଲ ବିଭାଗ ଅଧିକାରୀମାନେ ଆମ ଗାଁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବାରୁ ଆମକୁ ଗାଁରୁ ବାହାରକୁ ଯିବାକୁ ହେବ ବୋଲି କହିବା ଆରମ୍ଭ କଲେ । ପରେ ୨୦୧୭ ବେଳେକୁ ଧମକ୍ ପୂର୍ଣ୍ଣ ଭାବେ ସେଠାରୁ ଉଠାଇ ଦେବାକୁ ଚକ୍ରାନ୍ତ କଲେ ।

ସେ ସମୟରେ ବିଭାଗ ଆମକୁ କହିଲା ଯିଏ ସ୍ୱଇଛାରେ ଭିଟାମାଟି ଛାଡିବ ତାର ସମସ୍ତ ସୁବିଧା ଅସୁବିଧା ସରକାର ବୁଝିବ । ମାତ୍ର ସେମିତି ହେଲାନି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ମୋତେ କେତେ ଯେ ସରକାରୀ ଅଫିସ ଆଗରେ ଛିଡା ହେବାକୁ ପଡିଛି ତାର ହିସାବ ନାହିଁ । ବର୍ତ୍ତମାନ ମୁଁ ମୋର ଘରକୁ ଟିକେ ବଢ଼ାଇବାକୁ ଚାହୁଁଛି । ହେଲେ ମୋ ପାଖେ ଟଙ୍କା ନାହିଁ ।

ବିସ୍ଥାପନ ବେଳେ ବିଭାଗ ଆମକୁ ଜମି ବଦଳରେ ଜମି ଦେବ ବୋଲି କଥା ଦେଇଥିଲା । ହେଲେ ସେସବୁ କିଛି ମିଳିଲାନି; ବରଂ ଜମି ବଦଳରେ ଆମକୁ ୧୦ ଲକ୍ଷ ଟଙ୍କା ଓ ୩୦ ଡେସିମିଲ ଜାଗା ଦେଇ ନିଜ ମୁଣ୍ଡରୁ ଦାୟିତ୍ୱ ଛଡାଇ ନେଲେ ।

ଘର ବି ୬ ମାସ ପରେ ଦେଲେ । ଝାଡି ଛପର ଘରେ ଆମକୁ ମୁଣ୍ଡ ଗୁଞ୍ଜିବାକୁ ପଡିଲା । ପରେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ କରିଦେଲେ । ହେଲେ କାହା ଘରେ କବାଟ ତାଟି ଲଗାଇଲେ ତ ଆଉ କାହା ଘରେ ଝରକା ଖଣ୍ଡେ ବି ନାହିଁ ।

୫ ବର୍ଷ ଭିତରେ ଘର ଛାତରୁ ପାଣି ଗଳୁଛି । ରାମଯୋଡି ଗାଁରେ ରହୁଥିବା ଓ ଶିଆଳିନଇ ଗାଁକୁ ବିସ୍ଥାପିତ ହୋଇ ଉଠି ଆସିଥିବା ଗାଁ ଲୋକେ ଖଡିଆ ସମ୍ପ୍ରଦାୟର ହୋଇଥିବା ବେଳେ ଜଙ୍ଗଲୀ ମହୁ ସଂଗ୍ରହ କରିବା ସେମାନଙ୍କର ପ୍ରଧାନ କାମ । ମାତ୍ର ବିସ୍ଥାପନ ଯୋଗୁଁ ନିଜର ଭିଟା ମାଟି ୩୫ କିଲୋମିଟର ଦୂରକୁ ଚାଲିଯାଇଥିବାରୁ ମହୁ ସଂଗ୍ରହ କରିବା ସମ୍ଭବ ହେଉନି ।

ଏ ବାବଦରେ ନିଳମଣି ଦେହୁରୀ କହନ୍ତି; ମୋ ପାଖେ ଜୀବନ ଜୀବିକା ପାଇଁ ଏବେ କେବଳ ୧୦ଟି ଛେଳି । ଜଣେ ଲୋକଙ୍କଠାରୁ ଅଳ୍ପ କିଛି ଜମି ଲିଜ୍‌ରେ ନେଇ ଚାଷ ଆରମ୍ଭ କରିଛି । କେବଳ ମୁଁ ନୁହେଁ ମୋ ଭଳି ଅନେକ ପରିବାର ଏବେ ବିସ୍ଥାପନ ଆଳରେ ନିଜର ଜୀବନ ଜୀବିକାରୁ ଦୂରେଇ ଯାଇଛନ୍ତି ।

# ଜଙ୍ଗଲ ସଂରକ୍ଷଣ ଓ ଜୀବନ ଜୀବିକା ପାଇଁ ଏକ ଅଯତ୍ନମାରମ୍ଭ




## ସଂରକ୍ଷଣ

ଜଙ୍ଗଲର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ଦାୟିତ୍ୱ ଗ୍ରାମବାସୀଙ୍କର । ଗ୍ରାମବାସୀ ଚାହିଁଲେ ନିଜ ଅଞ୍ଚଳରୁ କିଛି ବନଜାତ ଦ୍ରବ୍ୟ ବହାରକୁ ଦେବେ । ଯଦି ଏଥିରେ ବିଚ୍ୟୁତି ହୁଏ ତେବେ ଗାଁ ଲୋକଙ୍କୁ ନେଇ ଗଠିତ ଗ୍ରାମସଭା ସଂପୃକ୍ତ ବ୍ୟକ୍ତି, ଜନ ସମୁହ ବା ଗାଁ ବିରୋଧରେ ଦଣ୍ଡବିଧାନ କରିପାରିବେ ।

ଏମିତି ଏକ ଆଭିମୁଖ୍ୟ ନେଇ ଗଠନ କରାଯାଇଥିବା ଗ୍ରାମସଭା ଏବେ ଜଙ୍ଗଲର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ଦିଗରେ ଉଲ୍ଲେଖନୀୟ କାମ କରି ସମସ୍ତଙ୍କ ପାଇଁ ଅନୁକରଣୀୟ ହୋଇ ପାରିଛି । ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ୍ କୁସୁମଗାଡିଆ ଗାଁର ଏ କାହାଣୀ । ଯେଉଁଠି ୮୪ ପରିବାର ରହୁଥିବା ବେଳେ ୪୩ ଅନୁସୂଚିତ ଜାତି ଓ ୪୦ ପରିବାର ଅନୁସୂଚିତ ଜନଜାତି ବର୍ଗର ।

ଜୀବନ ଜୀବିକା କହିଲେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରିବଟା କରିବା । ଏମିତିରେ କଟେ ସେମାନଙ୍କ ଜୀବନ ।

୧୯୯୫ ମସିହାରେ ପ୍ରଥମକରି ଗାଁଲୋକ ସାତଜଣିଆ ଜଙ୍ଗଲ ସୁରକ୍ଷା କମିଟି ଗଠନ କରି ଜଙ୍ଗଲ ଜଗିବା ଆରମ୍ଭ କରିଥିଲେ । ହେଲେ ତାହା ନିୟମିତ ଭାବେ କରାଯାଉନଥିଲା । ୨୦୧୯ରେ ଲୋକେ ନିଜ ଜଙ୍ଗଲକୁ ଉତ୍ତମ ଭାବେ ପରିଚାଳନା କରିବା ପାଇଁ ଗୋଷ୍ଠୀ ବନ ସମ୍ବଳ ଅଧିକାର ଅଧୀନରେ ଦାବି ଉଠାଇଲେ । ଯାହାକୁକି ୨୦୨୨ ମସିହାରେ ସ୍ୱୀକୃତି ମିଳିଲା ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଗାଁ ପାଖ ଜଙ୍ଗଲକୁ ଗୋଷ୍ଠୀ ବନସମ୍ବଳ ଅଧିକାରର ସ୍ୱୀକୃତି ମିଳିଲା ପରେ ଏବେ ଗାଁ ଲୋକେ ଜଙ୍ଗଲକୁ ନିଜର ଭାବିବା ଆରମ୍ଭ କରିଛନ୍ତି । ସେମାନଙ୍କ ଭିତରେ ବୈବହାରିକ ଦୃଷ୍ଟିକୋଣରୁ ଅନେକ ପରିବର୍ତ୍ତନ ଆସିଛି । ଏବେ ପ୍ରତିଦିନ ଗାଁ ଲୋକେ ୨ ଜଣିଆ ପାଳି କରି ଜଙ୍ଗଲ ଜଗୁଛନ୍ତି । ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠନ କରି ଜଙ୍ଗଲର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ଦାୟିତ୍ୱକୁ ନିଜ ଭିତରେ ବାଣ୍ଟିଛନ୍ତି ।
ଏଥିପାଇଁ ସ୍ୱତନ୍ତ୍ର ନିୟମ କାନୁନ୍ ବି କରାଯାଇଛି । ଜାଳେଣି କାଠ ପାଇଁ ଗାଁ ଲୋକଙ୍କୁ ସପ୍ତାହରେ ଗୋଟିଏ ଦିନ ଜଙ୍ଗଲକୁ ଛଡାଯାଉଛି ।

ଯେଉଁଠାରୁ ଜଣେ ଲୋକ ନିଜ ପାଇଁ ଆବଶ୍ୟକ କାଠ ଆଣି ପାରିବ । କମିଟି ପକ୍ଷରୁ ନିଜ ଅଞ୍ଚଳର ଜୈବବିବିଧତାର ଆକଳନ କରାଯାଇଛି । ଗୋଷ୍ଠୀ ଜଙ୍ଗଲର ୮୦ରୁ ୯୦% ବାଉଁଶ ଗଛ ଥିବା ବେଳେ ଏହାକୁ କିପରି ପରିଚାଳନା କରିବେ ସେ ନେଇ ନିଷ୍ପତ୍ତି ନେଇଛନ୍ତି ।

ଏ ବାବଦରେ କମିଟିର ସଭାପତି ହରିହର ଜାନୀ କହନ୍ତି; ଏବେ କମିଟିରେ ୧୨ ଜଣ ସଦସ୍ୟ ଅଛନ୍ତି । ଯେଉଁମାନେକି ଜଙ୍ଗଲର ସୁରକ୍ଷା ଓ ପରିଚାଳନା ପାଇଁ ବିଭିନ୍ନ ପ୍ରକାର ନିଷ୍ପତ୍ତି ନେବାର କ୍ଷମତା ରଖିଛନ୍ତି । ଆମ ଜଙ୍ଗଲରେ ବାଉଁଶର ମାତ୍ରା ଅଧିକ ଥିବାରୁ ଏହାକୁ କିପରି ଆମେ ପରିଚାଳନା କରିବୁ ଓ ବାହାର ସ୍ଥାନକୁ ରପ୍ତାନୀ କରିପାରିବୁ ସେଥିପାଇଁ କମିଟିରେ ନିଷ୍ପତ୍ତି ନେଇଛୁ । ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଯୁବଗୋଷ୍ଠୀଙ୍କୁ ମନୋନୀତ କରିଛୁ । "ଯେଉଁମାନେ କି ଜଙ୍ଗଲରେ ଥିବା ବାଉଁଶର ଆକଳନ କରିବେ ଓ ଏହାକୁ ପ୍ରତିବର୍ଷ ଶୀତମାସରେ ଥରେ ଅମଳ କରିବେ । ପରେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ଏହାକୁ ବଡ ବଡ ଟ୍ରେଡରମାନଙ୍କୁ ବିକ୍ରି କରାଯିବ ।

ଏ ବାବଦରେ ଗାଁର ସୁନାମଣି କହନ୍ତି ଈଶ୍ୱରଙ୍କ ଆଶୀର୍ବାଦରୁ ଆମ ଜଙ୍ଗଲରେ ବାଉଁଶ ଭର୍ତ୍ତି ହୋଇ ରହିଛି । କମିଟିର ମାର୍ଗଦର୍ଶନରେ ଆମେ ଏହାର ପରିଚାଳନା ଓ ବ୍ୟବସାୟ କରିବାକୁ ଏକ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିଛୁ । ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ଜୀବନ ଜୀବିକାକୁ ସ୍ଥାୟୀ ରଖିବା ଦିଗରେ ଆମ ଗାଁ ବାସ୍ତବିକ ଏକ ଆଦର୍ଶ । ପ୍ରାକୃତିକ ସମ୍ପଦର ସୁରକ୍ଷା, ଏହାର ସଂରକ୍ଷଣ ଓ ପରିଚାଳନା ଦିଗରେ ଗୋଷ୍ଠୀ ସହଭାଗିତା ଯେ କେତେ ଜରୁରୀ ତାହା କୁସୁମଗାଡିଆ ଗାଁ ଓ ଏହାର ସରଳ ନିରିହ ବନବାସୀଙ୍କୁ ଦେଖି ବେଶ ସ୍ପଷ୍ଟ ଭାବେ ବୁଝିହୁଏ । ଯାହାକି ନିଶ୍ଚିତ ଭାବେ ପରବର୍ତ୍ତି ପିଢ଼ିକୁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଦେବା ଦିଗରେ ଅନୁକରଣୀୟ ହୋଇ ପାରିବ ।

# ସମସ୍ୟାର ସମାଧାନ କରୁଛି ପୋଷ୍ଟ କାର୍ଡ

## >>> ସମସ୍ୟାର ସମାଧାନ



ଯେଉଁଠି ସରକାରୀ ନୀତି ନିୟମ, ଆଇନ କାନୁନ୍ ଫେଲ ମାରୁଛି ସେଇଠି ସାମାନ୍ୟ ପୋଷ୍ଟ କାର୍ଡ କରୁଛି ବଡ ବଡ ସମସ୍ୟାର ସମାଧାନ । ବାର୍ଦ୍ଧକ୍ୟ ଭତ୍ତା ମିଳିବା ହେଉ କି ଜଙ୍ଗଲ ଜମିର ଅଧିକାର କଥା ହେଉ ଅବା ଜଙ୍ଗଲ ସମ୍ବଳ ଉପରେ ଆଦିବାସୀଙ୍କ ହକ୍ କଥା । ପୋଷ୍ଟ କାର୍ଡରେ ଲେଖା ହେଉଥିବା ସମାନ୍ୟ ଦୁଇ ଧାଡି ଏଠି ସମାଧାନର ବାଟ ଫିଟାଉଛି ।

ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଅଧୀନରେ ଆସୁଥିବା ଅନେକ ଆଦିବାସୀ ଗାଁ ସମସ୍ୟାର ସମାଧାନ ପାଇଁ ଏଭଳି ସରଳ ରାସ୍ତାକୁ ଆପଣାଉଛନ୍ତି ଆଉ ସମସ୍ୟାର ସମାଧାନ ବି କରୁଛନ୍ତି । ୧୯୯୯ ମସିହାରୁ ଚାଲି ଆସିଥିବା ଏହି ଧାରା ଇତି ମଧ୍ୟରେ ଅନେକ ବଡ ବଡ ସମସ୍ୟାର ସମାଧାନ କରିଛି । ନିକଟରେ ଏମିତି ଏକ ସମସ୍ୟାକୁ ନେଇ ରଣପୁର କେନ୍ଦ୍ରୀୟ ମହିଳା ସଙ୍ଗଠନର ମହିଳାମାନେ ଏକାଠି ହୋଇଥିଲେ ।

ଉଦ୍ଦେଶ୍ୟ ଥିଲା ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଗନ୍ଧମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ମାଳ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ୨୪ଟି ଗାଁ ଲୋକଙ୍କୁ ନ୍ୟାୟ ଦେବା। ୩ ପିଢ଼ିରୁ ଅଧିକ ସମୟ ହେଲା ସଂରକ୍ଷିତ ଜଙ୍ଗଲ ଭିତରେ ରହି ଆସିଥିବା ଏହି ଗାଁ ଗୁଡିକ ଲଘୁବନଜାତ ବିକ୍ରିବଟା କରିବାରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେବେଳେ ବନ ବିଭାଗର ଚାପରେ ତ ଆଉ କେତେବେଳେ ସଚେତନତା ଅଭାବକୁ ଏମାନେ ନିଜର ସଂଗୃହୀତ ଦ୍ରବ୍ୟକୁ ମାତ୍ର ଅଳ୍ପ କିଛି ଟଙ୍କାରେ ଖୁଚୁରା ବ୍ୟବସାୟୀକୁ ବିକ୍ରି କରି ଦେବାକୁ ବାଧ୍ୟ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ୨୪ ଗାଁର ମହିଳାମାନେ ଏକାଠି ହୋଇ ବନ ବିଭାଗ ଓ ଜିଲ୍ଲାପାଳଙ୍କୁ ପୋଷ୍ଟକାର୍ଡ ମାଧ୍ୟମରେ ନିଜର ଅଭିଯୋଗ ଦର୍ଶାଇଛନ୍ତି ।

ଏ ବାବଦରେ ଶଙ୍ଖଯୋଡି ଗାଁର ଟିକିନା ପ୍ରଧାନ କହନ୍ତି; ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଶାସନ ଉପରେ ଚାପ ପକାଇବା ଆଜି ନୂଆକଥା ନୁହେଁ । ଆଗରୁ ବି ଏମିତି ଅନେକ ଥର ହୋଇଛି । ଯେତେବେଳେ କୌଣସି ସମସ୍ୟାର ସମାଧାନ ପାଇଁ ଆମେ ଏକାଠି ହେବାକୁ ଚିନ୍ତା କରିଛୁ ସେବେ ପୋଷ୍ଟକାର୍ଡରେ ଅଭିଯୋଗ ଲେଖି ବିଭାଗୀୟ ଅଧିକାରୀଙ୍କ ପାଖରେ ପହଞ୍ଚିଛୁ ।



ଛତିଚୁରା ଗାଁର ସରୋଜିନି ଅପାଙ୍କୁ ଦୀର୍ଘବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିଲା । ଏକଥା ଆମେ ଜାଣିବା ପରେ; ସରୋଜିନି ଅପାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବା ପାଇଁ କେନ୍ଦ୍ରୀୟ ମହିଳା ସଙ୍ଗଠନ ପକ୍ଷରୁ ୧୦୦ ଜଣ ପୋଷ୍ଟକାର୍ଡ ମାଧ୍ୟମରେ ଜିଲ୍ଲାପାଳ, ବିଡିଓ, ତହସିଲଦାରଙ୍କଠାରୁ ଆରମ୍ଭ କରି ବିଭାଗୀୟ କର୍ମକର୍ତ୍ତାଙ୍କୁ ଏକକାଳୀନ ଚିଠି ଲେଖିଲୁ । ବିଶ୍ୱାସ ନ ହେଲେ ବି ତିନି ଦିନ ଭିତରେ ସମସ୍ୟାର ସମାଧାନ ହେଲା ।


ଜାମୁଗଣ୍ଡ ଗାଁର ମେଘା ପ୍ରଧାନ କହନ୍ତି ମର୍ଦ୍ଦକୋଟ ଲୁଣିସାହି ଗାଁରେ ପିଲାମାନଙ୍କୁ ବଣ୍ଟାଯାଉଥିବା ଛତୁଆ ନିମ୍ନମାନର ଥିବାରୁ ମହିଳାମାନେ ଏକାଠି ହୋଇ ଏମିତି ପୋଷ୍ଟକାର୍ଡରେ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଥିଲେ । ଫଳସ୍ୱରୂପ ସରକାରୀସ୍ତରରେ ଯାଞ୍ଚ କମିଟି ବସିଲା ଓ ପରେ ଏହାର ଦାୟିତ୍ୱ ଗାଁର ମହିଳାମାନଙ୍କୁ ଦିଆଗଲା ।

ଆଗରୁ ପ୍ରତି ମାସର ୧୮ ତାରିଖରେ ଏମିତି ବୈଠକ ବସି ସମସ୍ୟାର ସମାଧାନ ପାଇଁ ପୋଷ୍ଟକାର୍ଡ ଅଭିଯୋଗପତ୍ର ଦାଖଲ କରାଯାଉଥିଲା । ହେଲେ ଏବେ ଜୋନ୍‌ସ୍ତରରେ କିମ୍ବା କ୍ଲଷ୍ଟର ସ୍ତରରେ ଏହାକୁ କରାଯାଉଛି । ଆବଶ୍ୟକତା ପଡିଲେ ବା ସମୂହ ସମସ୍ୟାର ସମାଧାନ ପାଇଁ ଏବେ କେନ୍ଦ୍ରୀୟ ମହିଳା ସଙ୍ଗଠନ ପକ୍ଷରୁ ଏକାଠି ବସି ପୋଷ୍ଟକାର୍ଡରେ ଅଭିଯୋଗପତ୍ର ଦାଖଲ କରାଯାଉଛି ।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଚଳିତ ଥର ଏହି କ୍ୟାମ୍ପେନ୍ ଶଙ୍କଯୋଡି ଗାଁରେ ଆୟୋଜିତ ହୋଇଥିବା ବେଳେ ଏଥିରେ ମହିଳା ସରପଞ୍ଚ କଳ୍ପନା ପ୍ରଧାନ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇଥିଲେ । ତାଙ୍କ କହିବା କଥା; ମାଳ ସଂରକ୍ଷିତ ଜଙ୍ଗଲ ଭିତରେ ପାଖାପାଖି ୨୪ ଟି ଗାଁ ଲୋକ ରହନ୍ତି । ଯେଉଁମାନଙ୍କ ଜୀବନ ଜୀବିକା ଲଘୁବନଜାତ ଦ୍ରବ୍ୟ ଦ୍ୱାରା ହିଁ ମେଣ୍ଟିଥାଏ । ଏ ଅଞ୍ଚଳରେ ଶାଳ ଓ ଶିଆଳି ପତ୍ର ଅଧିକ ପରିମାଣରେ ମିଳୁଥିବାରୁ ଗାଁ ଲୋକ ଏହା ଉପରେ ଅଧିକ ମାତ୍ରାରେ ନିର୍ଭର କରିଥାନ୍ତି । ମାତ୍ର ସବୁଠରୁ ବଡ ସମସ୍ୟା ହେଲା ସଂରକ୍ଷିତ ଜଙ୍ଗଲ ପାରିହେଲେ ଯାଇ ବଜାର ପଡେ । ଆଉ ବଜାର ଯାଏଁ ପହଞ୍ଚିବାକୁ ୪୦ କିଲୋମିଟରର ଜଙ୍ଗଲି ରାସ୍ତା ପାରି କରିବାକୁ ପଡେ ।

ଯାହାକି ସବୁବେଳେ ପ୍ରାଥମିକ ସଂଗ୍ରହକରୀଙ୍କ ପକ୍ଷରେ ସମ୍ଭବ ହୁଏନି । ଫଳରେ ଗାଁକୁ ଯେଉଁ ଖୁଚୁରା ବ୍ୟବସାୟୀ ଆସନ୍ତି ଗାଁ ଲୋକେ ସେମାନଙ୍କୁ ନିଜ ଦ୍ୱାରା ସଂଗୃହୀତ ଖଳିପତ୍ର ବିକ୍ରିକରି ଦେଇଥାନ୍ତି । ଯାହାର ବଜାର ଦର ୮୦ ଟଙ୍କା ତାହା ଗାଁରେ ସର୍ବାଧିକ ୩୦ ଟଙ୍କାରେ ବିକ୍ରିହୁଏ । ଯେହେତୁ ଗାଁଗୁଡିକ ସଂରକ୍ଷିତ ଜଙ୍ଗଲ ଭିତରେ ଅଛନ୍ତି ତେଣୁ ଗାଡି ମୋଟର ପ୍ରବେଶ ଉପରେ ବହୁତ କଟକଣା । ତେଣୁ ଚଳିତ ଥର ଆମେ ବନ ବିଭାଗକୁ ପୋଷ୍ଟକାର୍ଟ ମାଧ୍ୟମରେ ଗାଁ ଭିତରକୁ ଅନ୍ତତଃ ପକ୍ଷେ ଡାଲା ଅଟୋ ପ୍ରବେଶ କରିବାର ଅନୁମତି ଦେବାକୁ ନିବେଦନ କରିଛୁ ।



ଏ ବାବଦରେ ବସୁନ୍ଧରାର ନିର୍ଦ୍ଦେଶକ ୱାଇ ଗିରି ରାଓ କହିଛନ୍ତି; ନିକଟରେ ଓଡିଶା ସରକାର ଜଙ୍ଗଲ ଅଧିକାର ଅଧୀନିୟମକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମିକତା ଦେଇଛନ୍ତି । ରାଜ୍ୟରେ ଜଙ୍ଗଲ ଅଧିକାର ଅଧୀନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ଓଡିଶା ସରକାର ଉଲ୍ଲେଖନୀୟ କାର୍ଯ୍ୟକାରିଛନ୍ତି । ବର୍ତ୍ତମାନ ସୁଦ୍ଧା ୪.୫୬ ଲକ୍ଷ ଲୋକଙ୍କୁ ଜଙ୍ଗଲ ଅଧିକାର ଅଧୀନିୟମରେ ବ୍ୟକ୍ତିଗତ ଜମିପଟା ପ୍ରଦାନ କରାଯାଇ ପାରିଛି । ଏସବୁ ପରେ ବି ଜଙ୍ଗଲ ଅଧିକାର ଅଧୀନିୟମରେ ହିତାଧିକାରୀଙ୍କୁ ସ୍ୱୀକୃତି ପ୍ରଦାନ ଓ ବିକାଶ ପ୍ରକ୍ରିୟାକୁ ବାସ୍ତବିକ ଭାବେ ତ୍ୱରାନ୍ୱିତ କରିବା ଭିତରେ ଢ଼େର ପାର୍ଥକ୍ୟ ରହିଛି । ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ବନ ସମ୍ବଳ ଅଧିକାର, ଅଣ ସର୍ବେକ୍ଷଣ ବାସସ୍ଥାନ, ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗାଁରେ ପରିଣତ କରିବା ପ୍ରକ୍ରିୟାର ତଥ୍ୟକୁ ଯଦି ଗଣନା କରାଯାଏ; ତେବେ ସେସବୁ ଉତ୍ସାହଜନକ ନୁହେଁ । ଯେଉଁଠାରେ ବନବାସୀଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରାଯାଇ ସାରିଛି ସେଠାରେ ବଣ୍ଟାଯାଇଥିବା ଟାଇଟଲ୍ ଗୁଡିକରେ ସଂଶୋଧନ ହେବାର ଆବଶ୍ୟକତା ରହିଛି । କେବଳ ନୟାଗଡ ନୁହେଁ ରାଜ୍ୟର ଅଧିକାଂଶ ବନବାସୀଙ୍କଠାରେ ଏଭଳି ସମସ୍ୟା ନିତିଦିନିଆ ଘଟଣା । ତେବେ ଆଶା ସରକାରଙ୍କ ମୋ ଜଙ୍ଗଲ ଜମି ଯୋଜନା ଏସବୁ ସମସ୍ୟାର ସମାଧାନ କରିବ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ-ବସୁନ୍ଧରା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ସ୍ଥାୟୀ ଜଙ୍ଗଲ ଶାସନ ଓ ଜନ ସହଭାଗିତାରେ ଜଙ୍ଗଲ ପରିଚାଳନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ପଲିସି ଆଡଭୋକେସି ସଙ୍ଗଠନ ବସୁନ୍ଧରା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୩୬ ମାସର ଏହି ଅବଧି ଭିତରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଗବେଷକ, ଛାତ୍ରଛାତ୍ରୀମାନେ ପ୍ରାକୃତିକ ଜଙ୍ଗଲ ସମ୍ବଳର ପରିଚାଳନା ବିଷୟରେ ଗବେଷଣା କରିପାରିବେ ।

କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ରେଜିଷ୍ଟ୍ରର କୁକୁମିନା ଦାଶ, ସିଣ୍ଡିକେଟ ସଦସ୍ୟ ପ୍ରଫେସର ଏବି ହୋତା, ବସୁନ୍ଧରାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ୱାଇ ଗିରି ରାଓ, ଉପଦେଷ୍ଟା ଶ୍ୱେତା ମିଶ୍ର ଓ ଜିଆଇଏସ୍ ମୁଖ୍ୟ ସ୍ୱପ୍ନେଶ୍ୱର ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ ।

ଜଙ୍ଗଲ ସୁରକ୍ଷା, ଗୋଷ୍ଠୀ ସହଭାଗିତାରେ ଜଙ୍ଗଲ ପରିଚାଳନା, ଔଷଧୀୟ ଗଛ ଲତାର ସୁରକ୍ଷା, ପାରମ୍ପରିକ ଜ୍ଞାନକୌଶଳ ଓ ଚିକତ୍ସା ପଦ୍ଧତିର ଡିଜିଟାଇଜେସନ୍, ପରିବେଶ ଓ ଆଦିବାସୀ ଜୀବନଶୈଳୀ ଉପରେ ଗବେଷଣା, ସ୍ୱଦେଶୀ ଜ୍ଞାନର ସୁରକ୍ଷା, ପାରମ୍ପରିକ କୃଷି ପ୍ରଣାଳୀର ତଥ୍ୟ ସଂଗ୍ରହ କରିବା, ଜୈବବିବିଧତାର ପ୍ରଚାର ପ୍ରସାର କରିବା, ଜିଆଇଏସ୍ ମ୍ୟାପିଂ, ଜଳବାୟୁ ପରିବର୍ତ୍ତନ ଭଳି ଥିମ୍‌କୁ ଆଧାର କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଗବେଷଣା ଧର୍ମୀ ଛାତ୍ରଛାତ୍ରୀଙ୍କୁ ଏକ ପ୍ଲାଟଫର୍ମ ସୃଷ୍ଟି କରିବା ଏହି ବୁଝାମଣାପତ୍ର ସ୍ୱାକ୍ଷରର ମୂଳ ଆଭିମୁଖ୍ୟ ।

ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରକାର କର୍ମଶାଳା, ସମ୍ମିଳନୀ ଓ ଆଲୋଚନା ମାଧ୍ୟମରେ ବିଶେଷଜ୍ଞଙ୍କ ଦ୍ୱାରା ଅନେକ କଥା ଜାଣିପାରିବେ । ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ୧୫ ଦିନ, ଏକ ମାସ ଓ ୩ ମାସର ଅବିଧି ଭିତରେ ସାରିବାକୁ ହେବ । ଯାହାକି ଛାତ୍ରଛାତ୍ରୀଙ୍କ ବିଷୟ ଚୟନକୁ ନେଇ ଧାର୍ଯ୍ୟ କରାଯିବ । ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଭାଗ, ସାମାଜିକ ବିଜ୍ଞାନ ବିଭାଗ, ପ୍ରାଣୀବିଜ୍ଞାନ ବିଭାଗ, ଉଦ୍ଭିଦବିଜ୍ଞାନ ବିଭାଗ, ଭୂଗୋଳ ଆଦି ବିଭାଗର ଛାତ୍ରଛାତ୍ରୀମାନେ ଏଥିରେ ଲାଭ ପାଇ ପାରିବେ ।




# ମୋ ଜଙ୍ଗଲ ଜମି ଯୋଜନା ଶୀର୍ଷକ ସଚେତନତା କର୍ମଶାଳା



ଅଗଷ୍ଟ ୯ ତାରିଖରେ ରାଜ୍ୟ ସରକାର ମୋ ଜଙ୍ଗଲ ଜମି ଯୋଜନା ଶୀର୍ଷକ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି । ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବନବାସୀଙ୍କୁ ଜଙ୍ଗଲ ଅଧିକାର ଅଧୀନିୟମରେ ଦିଆଯାଇଥିବା ସ୍ୱୀକୃତିକୁ ତ୍ୱାରାନ୍ୱିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ଏ ବାବଦରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ ସଚେତନ କରିବା ଓ ବନବାସୀଙ୍କୁ ସେମାନଙ୍କ ନାର୍ଯ୍ୟ ଅଧିକାର ପ୍ରଦାନ କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ବସୁନ୍ଧରା ଦ୍ୱାରା ଜୁଲାଇ ୧୦ ତାରିଖରେ ସିୱାଇଏସ୍‌ଡି ସଭା କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ବସୁନ୍ଧରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୱାଇ ଗିରିରାଓ ଯୋଗଦେଇ କହିଥିଲେ ମୋ ଜଙ୍ଗଲ ଜମି ଯୋଜନା ଯଦି ବାସ୍ତବିକ ଠିକ୍ ଭାବେ କାମ କରେ ତେବେ ଏହା ସରକାରଙ୍କ ଏକ ଅନୁକରଣୀୟ ଯୋଜନା ହୋଇ ପାରିବ । ଯାହାକି ଉଭୟ ତହସିଲ ଓ ଜିଲ୍ଲାସ୍ତରରେ ଜଙ୍ଗଲ ଅଧିକାର ସେଲ ପ୍ରତିଷ୍ଠା କରିବ । ଯାହାକି ତୃଣମୂଳସ୍ତରରେ ଜଙ୍ଗଲ ଅଧିକାର ଅଧୀନିୟମ ୨୦୦୬କୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ବ୍ୟକ୍ତିକୁ ପ୍ରସ୍ତୁତ କରିବ ।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ପ୍ରଫେସର ଏବି ଓତା ଯୋଗଦେଇ ବସୁନ୍ଧରାର ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏହାର ନୋଡାଲ ଏଜେନ୍ସି ଭାବେ କାମ କରିବ । ମୋ ଜଙ୍ଗଲ ଜମି ଯୋଜନାକୁ ବୁଝିବାରେ ଆସୁଥିବା ସମସ୍ତ ସମସ୍ୟାକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ପ୍ରଶାସନିକ ବିଭାଗ ସମାଧାନ କରିବ । ଯଦି ଏହାକୁ କଲାବେଳେ ତାକୁ କୌଣସି ପ୍ରକାର ସମସ୍ୟା ଦେଖାଦିଏ ତେବେ ସେ ସମସ୍ତ ସମସ୍ୟାକୁ ଚିହ୍ନଟ କରିବ । ଆବଶ୍ୟକ ସ୍ଥଳେ ଏହାର ସମାଧାନ ଦିଗରେ ବିଭିନ୍ନ ବିଭାଗ ସହ ଯୋଗାଯୋଗ ରକ୍ଷା କରି କାମ କରିବ । ଏହି ଯୋଜନାର କାର୍ଯ୍ୟକାରୀ ପ୍ରକ୍ରିୟାକୁ ସହଜ କରିବା ପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ (ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ) ଭାବେ କାମ କରିବ ।

ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ, ପିଭିଟିଜି ସମ୍ପ୍ରଦାୟ, ଏକାକି ମହିଳା,୧୩ ଡିସେମ୍ବର ୨୦୦୫ ପୂର୍ବରୁ ଯେଉଁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଜମି ଉପରେ ନିଜର ଦଖଲ ରଖିଥିବେ ଏବଂ ଅନ୍ୟନ୍ୟ ପାରମ୍ପରିକ ବନବାସୀଙ୍କ କ୍ଷେତ୍ରରେ ସେମାନେ ସେହି ଗାଁରେ ୩ ପିଢ଼ି(୭୫ ବର୍ଷ) ଧରି ରହି ଆସୁଥିବେ । ସେମାନେ ସମସ୍ତେ ମୋ ଜଙ୍ଗଲ ଜମି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ।

କେବଳ ସେତିକି ନୁହେଁ ଏହା ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଟାଇଟେଲଗୁଡିକୁ ସଂଶୋଧନ କରାଯିବାର ପ୍ରାବଧାନ ରହିଛି । ଏହା ସମସ୍ତ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଉପରେ ଧ୍ୟାନ ଦେବା ସହ ସେସବୁ ଗାଁ ଗୁଡିକରେ ରହୁଥିବା ପ୍ରତିଟି ପରିବାର ପାଖକୁ କିପରି ସଡକ, ଜଳ, ସ୍ୱାସ୍ଥ୍ୟସେବା ଓ ବିଦ୍ୟାଳୟ ସୁବିଧା ସଂଯୋଗ କରାଯାଇ ପାରିବ ତାହା ସୁନିଶ୍ଚିତ କରାଯିବ ।

# ଲିଙ୍ଗଗତ ସମାନତା ଓ ସଶକ୍ତିକରଣ ଆଡକୁ ଏକ ପାଦ

ବନବାସୀଙ୍କ ଭିତରେ ରହିଥିବା ଲିଙ୍ଗଗତ ଅସମାନତାକୁ ପ୍ରତିହତ କରିବା ପାଇଁ ବସୁନ୍ଧରା ଦ୍ୱାରା ନୟାଗଡ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାହାକି ଆସନ୍ତାଦିନରେ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ଦିଗରେ ନିଶ୍ଚିତ ଭାବେ ଆଗକୁ ବଢ଼ିବାରେ ସହାଯ୍ୟ କରିବ ।

ଏନେଇ ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେଉଁଥିରେ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଅଧୀନିୟମରେ ମିଳିଥିବା ଜମି ସତ୍ତ୍ୱାଧିକାର ଦଲିଲ୍ (ରେକର୍ଡ ଅଫ୍ ରାଇଟ୍ସ)କୁ ସଂଶୋଧନ କରି ସେଥିରେ କିପରି ମହିଳାମାନଙ୍କ ନାମକୁ ସାମିଲ କରାଯାଇ ପାରିବ ସେ ଉପରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଶ୍ଚିତ ଭାବେ ଆସନ୍ତା ଦିନରେ ମହିଳାମାନଙ୍କ ଅବଦାନ ଓ ସେମାନଙ୍କର ଅଧିକାରଗୁଡିକୁ ଆନୁଷ୍ଠାନିକ ଭାବେ ସୁରକ୍ଷିତ କରି ରଖିବ ।

ଜାରି ହୋଇଥିବା ନିର୍ଦ୍ଦେଶନାମାର ମୂଳ ଆଭିମୁଖ୍ୟ ହେଲା ଗୋଷ୍ଠୀ ବନ ସମ୍ବଳ ଅଧିକାର (ସିଏଫ୍‌ଆର୍)ରେ ମିଳିଥିବା ଟାଇଟେଲ ବା ଶିରୋନାମାଗୁଡିକୁ ସଂଶୋଧନ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା । ଏକ ସମଭାବାପର୍ଣ୍ଣ ସମାଜ ଗଠନ କରିବା ସହ ବ୍ୟକ୍ତିଗତ ଅଧିକାର ଓ ପରିଚୟକୁ ସମ୍ମାନ ଦେବା ଦିଗରେ ଏହା ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

ଏହାକୁ କିପରି ସୁରୁଖୁରୁରେ କାର୍ଯ୍ୟକାରୀ କରାଯାଇ ପାରିବ ଏଥିପାଇଁ ବସୁନ୍ଧରାର ଅଭିଜ୍ଞ କର୍ମକର୍ତ୍ତାଙ୍କ ଏକ ଦଳ ରଣପୁର ତହସିଲ କାର୍ଯ୍ୟାଳୟ ଗସ୍ତ କରି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାକାଳରେ ୨୪ଟି ଗାଁରେ ମିଳିଥିବା ୧୪ଟି ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରାପ୍ତ ଟାଇଟଲ୍‌ର କିପରି ତୁରନ୍ତ ଆର୍‌ଓଆର୍ ସଂଶୋଧନ ହୋଇ ପାରିବ ସେ ବିଷୟରେ ମତାମତ ଦିଆଯାଇଥିଲା । ବସୁନ୍ଧରା ପକ୍ଷରୁ କୁହାଯାଇଛି ଯେ ରଣପୁର ପାଇଁ ଉକ୍ତ ଟାଇଟଲ୍‌ଗୁଡିକୁ ୨୦୨୨ ମସିହାରେ ବଣ୍ଟାଯାଇଥିଲା । ତେବେ ବଣ୍ଟାଯାଇଥିବା ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଭୁକ୍ତ ପଟ୍ଟାଗୁଡିକରେ ଥିବା ଆର୍‌ଓଆର୍ ( ରେକର୍ଡ ଅଫ୍ ରାଇଟ୍ସ)ରେ ମହିଳାମାନଙ୍କର ନାମ ନାହିଁ । ଅପରପକ୍ଷେ ସରକାରଙ୍କ ଏଲ୍‌ଆର୍‌ଏମ୍‌ଏସ୍ ୱେବ୍‌ସାଇଟ୍‌ରେ ଏସବୁ ତଥ୍ୟକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅପ୍‌ଲୋଡ କରାଯାଇ ସାରିଛି ।

ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତହସିଲଦାର ତୁରନ୍ତ ଗୋଷ୍ଠୀ ବନ ସମ୍ବଳ ଅଧିକାର ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଆଇନରେ ମିଳିଥିବା ଜମିପଟ୍ଟାଗୁଡିକରେ ମାଲିକାନାସତ୍ତ୍ୱ (ଆର୍‌ଓଆର୍)କୁ ତୁରନ୍ତ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପରେ ସଂଶୋଧିତ ତଥ୍ୟକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏଲ୍‌ଆର୍‌ଏମ୍‌ଏସ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଯିବ ।


# ଜୀବିକା ସଶକ୍ତିକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୀବିକା ସଶକ୍ତିକରଣ ପାଇଁ କୁମ୍ଭିକଲ ଗାଁର ବାଣୀଗୋଛା ଅଞ୍ଚଳରେ ୬ଟି ଉତ୍ପାଦକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେହିପରି କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ୍ ସ୍ଥିତ ଦଲପଡା ପଞ୍ଚାୟତର ଡଞ୍ଜୁ ଗାଁରେ ଜୋନାଲ ବିଓଡି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ଦୁଇଟି ବୈଠକକୁ ଛାଡିଦେଲେ ଆଦିଭୂମି ମହିଳା ସଂଘ ପାଇଁ ଦଶପଲ୍ଲାଠାରେ ଏବଂ ଖଜୁରୀପଡା ପଞ୍ଚାୟତ ତାଲିମ କେନ୍ଦ୍ରଠାରେ ସରଗିଫୁଲ ମହିଳା ସଂଗଠନର ସଦସ୍ୟମାନଙ୍କ ପାଇଁ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନବାସୀଙ୍କ ଜୀବନ ଜୀବିକାକୁ ସଶକ୍ତ କରିବା ଓ ସେମାନଙ୍କର ନିରନ୍ତର ବିକାଶ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ବୈଠକର ମୂଳ ଆଭିମୁଖ୍ୟ ଥିଲା ।

ଏଥିରେ ବିଭିନ୍ନ ମହିଳା ସଙ୍ଗଠନର ମା’ମାନଙ୍କ ସହ ସେମାନଙ୍କ ଦ୍ୱାରା ସଂଗୃହୀତ ଜଙ୍ଗଲ ଜାତ ଦ୍ରବ୍ୟ, ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ, ବଜାର କୌଶଳ ପାଇଁ ନୂଆ ଉପାୟ ଅନୁସନ୍ଧାନ କରିବା ସହ ଶାଳ ମଞ୍ଜି, ଆମ୍ବକୋଇଲି, ଶିଆଳି ପତ୍ର ଖଲିର ବିକ୍ରିବଟା ପାଇଁ କିପରି ଏକ ସମୃଦ୍ଧ ଉଦ୍ୟୋଗ ସୁବିଧା ଖୋଲାଯାଇ ପାରିବ ସେ ଉପରେ ଆଲୋଚନା ହୋଇଥିଲା । ଆୟୋଜିତ ବୈଠକ ବନବାସୀ ଓ ଆଦିବାସୀଙ୍କ ପରିଶ୍ରମକୁ ଚିହ୍ନିବା ଓ ସେମାନଙ୍କର ଅର୍ଥନୈତିକ ପରିଚାଳନାକୁ କିପରି ସ୍ୱଚ୍ଛ କରିପାରିବ ସେ ଉପରେ ଗୁରୁତ୍ୱ ଦେଇଥିଲା ।
ଏହା ନୂଆକରି ଡବ୍ଲ୍ୟୁଏଚ୍‌ଏଚ୍ ପ୍ରକଳ୍ପ ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ସବୁ ପ୍ରକାର ସହଯୋଗ କରାଯିବାର ପ୍ରତିଶ୍ରୁତି ଦେଇଥିଲା ।





To,

All Tahsildars of Nayagarh District.

Sub: - **Mentioning women's name (spouse name) in RoR of IFR under the Forest Rights Act,2006 Regarding.**

Sir,

With reference to the subject cited above, I am directed to say that, the district administration has distributed Individual Forest Rights (IFR) titles to Forest dwellers in the district under the Scheduled Tribes and other Traditional Forest Dwellers (Recognition of Forest Rights) Act, 2006 and Amendment Rules 2012. All the case records along with the title copy of the IFR title recipients have been sent to your tahasil for RoR correction. **As the IFR is a joint title according to section 4 (4) of the Act, it has been observed that, in some cases, women's names are not included in the title holder name in the corrected RoR of the IFR.**

I, therefore, request you kindly check the RoR and take the necessary action to initiate the process of rectifying the RoRs as stated above by mentioning both spouse name as titleholder in the RoR of the IFR and updating it in the LRMS portal accordingly.

Yours faithfully,

Convenor, DLC-cum-
District Welfare Officer, FRA
Nayagarh.

Memo No 1944 /Dtd 15.07.2023
Copy submitted to the PA of Chairperson – cum- District Collector, DLC for Kind Information.

Convenor, DLC-cum-
District Welfare Officer, FRA
Nayagarh

Memo No 1945 //Dtd 15.07.2023
Copy submitted to the ADM, Nayagarh/ Chairperson-Cum-Sub-Collector, SDLC for kind information.

Convenor, DLC-cum-
District Welfare Officer, FRA
Nayagarh

Memo No 1946 //Dtd 15.07.2023
Copy to Executive Director, Vasundhara, Bhubaneswar for kind information and provide the required support.







# ଜଙ୍ଗଲ ଅଧିକାର ଓ ଜମିର ମାଲିକାନାସତ୍ତ୍ୱ ପ୍ରଦାନ ପ୍ରକ୍ରିୟାକୁ ମଜଭୁତ କରିବାର ପ୍ରୟାସ

ଜଙ୍ଗଲ ଅଧିକାର ଆଇନ ବଳରେ ଜମିର ମାଲିକାନାସତ୍ତ୍ୱ ପ୍ରଦାନ ଦିଗରେ ବସୁନ୍ଧରା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକାର ପଦକ୍ଷେପର ଗତ ତିନି ମାସ ଭିତରେ ଏକ ମିଶ୍ରିତ ଫଳାଫଳ ଦେଖିବାକୁ ମିଳିଛି । ଏହି ସମୟ ଭିତରେ ଓଡିଶାର ବିଭିନ୍ନ ସ୍ଥାନରେ ଆମ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଜଙ୍ଗଲ ଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା ଓ ଜଙ୍ଗଲ ଗାଁଗୁଡିକୁ ଚିହ୍ନଟ କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ ବନବାସୀମାନଙ୍କର ଅଧିକାରକୁ ଚିହ୍ନଟ କରି ତାକୁ ସୁରକ୍ଷିତ ରଖିବା ଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

<ins>ନୂତନ ଦାବି ପ୍ରକ୍ରିୟା:</ins>

ରିପୋର୍ଟ ପ୍ରସ୍ତୁତ କରାଯିବାର ଅବଧି କାଳ ଭିତରେ ବସୁନ୍ଧରା ପକ୍ଷରୁ ଅନେକଗୁଡିଏ ଜିଲ୍ଲାରେ ରହୁଥିବା ବନବାସୀଙ୍କ ଅଧିକାରକୁ ସ୍ୱିକୃତି ଦେବାକୁ ଯାଇ ନୂତନ ଦାବି ପ୍ରକ୍ରିୟାକୁ ଦାଖଲ କରିବାର ପ୍ରୟାସ କରାଯାଇଛି । ସମୁଦାୟ ୧୪୩୯ଟି ଗାଁକୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ସେଠାରେ କିପରି ନୂତନ ଦାବି ପ୍ରକ୍ରିୟାକୁ ଦାଖଲ କରାଯିବ ସେ ଦିଗରେ ଚେଷ୍ଟା କରାଯାଇଥିଲା । ଯେପରିକି ଗାଁଗୁଡିକୁ ନୂଆ କରି ଭ୍ରମଣ କରିବା, ସେଠାରୁ ତଥ୍ୟ ସଂଗ୍ରହ କରିବା, ଲୋକଙ୍କ ସହଭାଗିତାରେ ଗ୍ରାମସଭାର ଆୟୋଜନ କରିବା, ନୂଆକରି ଜଙ୍ଗଲ ଅଧିକାର କମିଟି ଗଠନ କରିବା କିମ୍ବା ପୁରୁଣା କମିଟିକୁ ଚିହ୍ନଟ କରିବା ।

ମିଳିଥିବା ସୂଚନା ଅନୁସାରେ ବସୁନ୍ଧରା ପକ୍ଷରୁ ଗଜପତି ଜିଲ୍ଲାର ୯୦ଟି ଗାଁରେ ପ୍ରାଥମିକ ପରିଭ୍ରମଣ ସହ ଗ୍ରାମସଭା ଆୟୋଜନ କାମ ସରିଛି । ଏହାସହ ଜିଲ୍ଲାରେ ୨୧ଟି ଜଙ୍ଗଲ ଅଧିକାର କମିଟି ଗଠନ କରାଯାଇଛି କିମ୍ବା ପୂର୍ବରୁ ରହିଥିବା କମିଟିକୁ ଚିହ୍ନଟ କରାଯାଇଛି । ତୁଳନାତ୍ମକ ଦୃଷ୍ଟିକୋଣରୁ ବିବେଚନା କଲେ ଜଣାଯାଏ ଯେ ଏ ଦିଗରେ ରାୟଗଡା ଓ ଭଦ୍ରକ ଭଳି ଜିଲ୍ଲାରେ ସେଭଳି କୌଣସି ଆଖିଦୃଶିଆ କାମ କରାଯାଇ ପାରିନି । କାରଣ ଏସବୁ ଜିଲ୍ଲାରେ ଆମ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଅଳ୍ପ କିଛି ଗାଁରେ ଏସବୁ କାମ ସାରିବାରେ ସକ୍ଷମ ହୋଇଛନ୍ତି ।

<ins>ବିଚାରଧୀନ ଦାବିଗୁଡିକୁ ଅନୁସରଣ କରିବା:</ins>

ବସୁନ୍ଧରା ଦ୍ୱାରା କାମ କରାଯାଉଥିବା ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂତନ ଦାବି ପ୍ରକ୍ରିୟା ଦାଖଲ କରାଯିବାର ପ୍ରୟାସ କରାଯାଇଥିଲେ ସୁଦ୍ଧା ଅନେକଗୁଡିଏ ପୁରୁଣା ଦାବି ଏବେବି ବିଚାରଧୀନ ଅବସ୍ଥାରେ ରହିଛି । ଉପଖଣ୍ଡସ୍ତରୀୟ କମିଟି (ଏସ୍‌ଡିଏଲ୍‌ସି) ରେ ୨୬୯ଟି ଦାବି ଉପସ୍ଥାପନ କରାଯାଇଥିଲେ ସୁଦ୍ଧ ଗତ ତିନିମାସ ଭିତରେ ମାତ୍ର ୧୫୪ଟି ଦାବି ପ୍ରକ୍ରିୟାକୁ ମଞ୍ଜୁରୀ ମିଳିଛି । ଏ କ୍ଷେତ୍ରରେ ସମ୍ବଲପୁର ଜିଲ୍ଲା ଉଲ୍ଲେଖନୀୟ କାମ କରିଛି । ଜିଲ୍ଲାରେ ଗତ ତିନି ମାସରେ ସମୁଦାୟ ୪୧ଟି ଦାବି ଉପଖଣ୍ଡସ୍ତରୀୟ କମିଟିରେ ମଞ୍ଜୁର ହୋଇଛି । ଯାହା ଅଧୀନରେ ୮ ହଜାର ୧୧୩ ହେକ୍ଟର ଜଙ୍ଗଲ ଜମି ଚିହ୍ନଟ କରାଯାଇଛି ।

<ins>ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ରୂପାନ୍ତର:</ins>

ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ରାଜ୍ୟସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ଏହି କ୍ରମରେ ଜଗପତି ଜିଲ୍ଲାରେ ୫୪ଟି ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ତେବେ ଗୋଟିଏ ହେଲେ ଦାବି ବର୍ତ୍ତମାନ ସୁଦ୍ଧା ଉପଖଣ୍ଡସ୍ତରୀୟ କମିଟି (ଏସ୍‌ଡିଏଲ୍‌ସି) କିମ୍ବା ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପହଞ୍ଚି ପାରିନାହିଁ ।



ଏଭଳି ସ୍ଥିତିରେ ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରୁ ଯଥାକ୍ରମେ ୨ଟି ଓ ଗୋଟିଏ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଅନୁମୋଦନ ପାଇ ସାରିଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ୩୯୯ ହେକ୍ଟର ଓ ମୟୂରଭଞ୍ଜ ଜିଲ୍ଲାରେ ୧୩୩ ହେକ୍ଟର ଜଙ୍ଗଲ ଜମିକୁ ଚିହ୍ନଟ କରାଯାଇଛି ।

ପରିଶେଷରେ ଏତିକି କୁହାଯାଇ ପାରେ ଜଙ୍ଗଲ ଅଧିକାର ଅଧିନିୟମକୁ ସୁରକ୍ଷିତ କରିବା ଓ ଜଙ୍ଗଲ ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଦିଗରେ ଓଡିଶାର ଯାତ୍ରା କିଛି ଜିଲ୍ଲାରେ ବେଶ ସକ୍ରିୟ ରହିଛି । ତେବେ କିଛି ସ୍ଥାନରେ ବିଚାରଧୀନ ଦାବିଗୁଡିକୁ ପୁନଃ ପ୍ରକ୍ରିୟାକରଣରେ ସାମିଲ କରିବା ଓ ଏହାକୁ ଅନୁମୋଦନ କରାଇବାରେ ଅନେକ ପ୍ରକାର ସମସ୍ୟା ଦେଖାଯାଉଛି । ଏସବୁ ପରେ ବି ରାଜ୍ୟ ସରକାର ଓ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ନିରନ୍ତର ଭାବେ ବନବାସୀଙ୍କ ଅଧିକାରକୁ ସୁରକ୍ଷା ଦେବା ଦିଗରେ ଓ ସମାନ ଜମି ମାଲିକାନାସତ୍ତ୍ୱ ପ୍ରଦାନ କରିବା ଦିଗରେ ନିଜର ପ୍ରୟାସ ଜାରି ରଖିଛନ୍ତି । ଯଦି ଏଭଳି ପ୍ରୟାସ ଜାରି ରହେ ତେବେ ନିଶ୍ଚିତ ଭାବେ ଆସନ୍ତା କିଛି ମାସ ଭିତରେ ବନବାସୀଙ୍କ କଲ୍ୟାଣ ମୂଳକ ବିକାଶ ଓ ସେମାନଙ୍କର ସଶକ୍ତିକରଣ ଆଶା କରାଯାଇ ପାରିବ ।



# FOREST RIGHTS STATISTICS

It is the information related to
new claim making process of Vasundhara for the period
May 23 - Jul 23

**10** Districts

**1439** Target Villages

**381** Introductory Visits

**153** Gram Sabha Meeting

**147** Claim Preparatin

**152** FRC Constituted


**64** Physical Verification of CFR Claim

**85** Joint FRC / GS Meeting


**44** GS Resolution Submitted for Claim Filing to SDLC

**0** Formal Claim Submission to SDLC

# ଜିଲ୍ଲାୱାରୀ ତଥ୍ୟ


No. of Target Village
Introductory visit
No. of Gram Sabha Hold
No. of FRC Constituted/Re-Constituted
Preparation of Claims
Joint FRC/GS meeting with neighbouring v...
Physical Verification Of CFR claims and ...
GS Resolution for Claims submissions to ...
Formal Submission to SDLC
300
200
100
0
Gajapati
Mayurbhanj
Sambalpur
Deogarh
Rayagada
Bhadrak
Nayagarh
Khordha
Ganjam
Keonjhar

# ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ରୂପାନ୍ତର କରିବା



# ଏ ମାସର ଫଟୋ.......



ଗୋଷ୍ଠୀ ସହଭାଗିତାରେ ଜଙ୍ଗଲ ପରିଚାଳନା ପାଇଁ ଖୋର୍ଦ୍ଧା ଏସିଏଫ୍‌ଙ୍କ ସହ ବସୁନ୍ଧରାର ଆଲୋଚନା ।



ଉତ୍ପାଦକ ଗୋଷ୍ଠୀ ରହିଥିବା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦେଓଗଡ ଜିଲ୍ଲାର ଓର୍‌ମାସ ସିଇଓଙ୍କ ସହ ଆଲୋଚନା ।



ମୋହନା ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ, ଜଙ୍ଗଲ ଓ ଜନ କଲ୍ୟାଣ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ।



ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ରୂପାନ୍ତର କରିବା ପାଇଁ ହରିଚନ୍ଦନପୁର ତହସିଲଦାରଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ।



ଚକାଦାଦ ସ୍ଥିତ ମିଶନଶକ୍ତି ଓ ଓଏଲ୍‌ଏମ୍‌ଙ୍କ ଦ୍ୱାରା ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସେଠାରେ ବସୁନ୍ଧରାର ସହଯୋଗୀ ଅତିଥି ଭାବେ ଯୋଗଦେଇଥିଲେ ।